ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | पर्यवेक्षक

visit us at www.paryabekhyak.com

FIND US ON facebook.com/paryabekhyak

FOLLOW US ON TWITTER twitter.com/paryabekhyak

Vol.22 . No.271, Bhubaneswar Wednesday, December 11, 2019 | ୨୨ତମ ବର୍ଷ | ସଂଖ୍ୟା–୨୭୧ | ଭୁବନେଶ୍ୱର , ବୁଧବାର, ଡିସେମ୍ବର ୧୧, ୨୦୧୯ | (୮ ପୃଷ୍ଠା) | ମୂଲ୍ୟ–୧.୫୦ | ₹ 1.50 | (Air Surcharge - 0.50P) | Member-INS

## କୁଜଙ୍ଗର ବହୁ ଚର୍ଚ୍ଚିତ ପଶିଆ ହତ୍ୟା ମାମଲା : ୬ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

କୁଜଙ୍ଗ, ୧୦।୧୨(ପି.ଏନ): ଗତ ୧୧.୦୭.୨୦୧୪ ମସିହା ରାତ୍ର ୯ଟା ସମୟରେ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ପଡିଆରେ ପ୍ରଶାନ୍ତ ନାରାୟଣ ଦାସ ଓରଫ୍ ପଶିଆ ନିଜ ମଦ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ସମୟରେ ୬ଜଣ ଦୁର୍ବୃତ ତାଙ୍କୁ ଗୁଳି କରି ହତ୍ୟା କରିଥିଲେ । ୧୦ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରଣବ କୁମାର ରାଉତରାୟ ୬ ଦୋଷୀଙ୍କୁ ୨୦ ହଜାର ଟଙ୍କା ସହ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି । ପୂର୍ବରୁ ଅଭିଯୁକ୍ତମାନେ ତାଙ୍କୁ ଦାଦାବଟି ମାଗିଥିଲେ । ପଶିଆ ତାଙ୍କୁ ଦାଦାବଟି ଦେବାକୁ ମନାକରିବାରୁ ସେ ଜୀବନରୁ ସବୁଦିନ ପାଇଁ ତାକୁ ଶେଷ କରିଦେବେ ବୋଲି ଧମକ ଦେଇଥିଲେ । ସବୁଦିନ ପରି ପ୍ରଶାନ୍ତ ଓରଫ ପଶିଆ ଘରକୁ ଆସିଲା ବେଳେ ବ୍ଲକ ପଡିଆରେ ମେହେଗାନି ଗଛ ପିଣ୍ଡିମୂଳେ ବସି ଥଣ୍ଡା ପବନ ଖାଉଥିଲା ବେଳେ ଏହି ସମୟରେ ମଂଟୁ ପାତ୍ର (୩୭) କୋଠିଆ ସାହି, ଅପୁ ଓରଫ ଅଜିତ୍ ଦାସ (୩୭) କୋଠିଆସାହି, ରିଙ୍କୁ ଓରଫ ଲିଙ୍କନ ଓରଫ ଶୁଭ୍ରାଂଶୁ ଶେଖର ସୁକ୍ଲା (୨୩) ଚରଦିଆ, ଟୁକୁନା ଓରଫ ଜିମୁତ ଦାସ(ଷଣ୍ଢପୁର), ଡୋରା ଓରଫ ରଂଜିତ ରାଉତ(୩୫) ଗତିରାଉତପାଟଣା, ରାଜା ଓରଫ ରାଜେଶ୍ ରାଉତ(୪୦) ଗତିରାଉତପାଟଣା ଉକ୍ତ ସ୍ଥାନରେ ଦୁଇଟି ବାଇକରେ ପହଂଚି ଅଶ୍ଲିଳ ଭାଷାରେ ଗାଳି ଗୁଲଜ କରି ଆଖିବୁଜା ଗୁଳି ଚାଳଣା କରିବାରୁ ପଶିଆ ସେଠାରେ ଟଳି ପଡିଥିଲେ । ଏ ସମ୍ପର୍କରେ ତା୧୧/୭/୧୪ରେ ପଶିଆର ଭାଇ ବିକ୍ରମ ନାରାୟଣ ଦାସ କୁଜଙ୍ଗ ଥାନାରେ ଏତଲା ଦାୟର କରିଥିଲେ । ଏସମ୍ପର୍କରେ କୁଜଙ୍ଗ ଥାନା ଅଧିକାରୀ କେସ୍ ନଂ. ୧୭୭/୨୦୧୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ପରେ ପରେ ୟୁ.ଏସ୍. ସିଟି କେସ୍ ନଂ. ୯୧/୧୦୦ ଅଫ୧୫ ଦଫା ୧୪୭, ୧୪୮, ୩୮୫/୧୪୯, ୩୦୨/୧୪୯ ଆଇ.ପି.ସି ଏବଂ ସେକ୍ସନ୍ ୨୫(ଆଇ.ବି/୨୭ ଆର୍ମ ଆକ୍ଟରେ) ଏହି ୬ଜଣ ଅଭିଯୁକ୍ତକାରୀଙ୍କୁ ୨୦ହଜାର ଟଙ୍କା ଜରିମାନା କରାଯିବା ସହିତ ଆଜୀବନ କାରାଦଣ୍ଡରେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରଣବ କୁମାର ରାଉତରାୟ ଦଣ୍ଡିତ କରିଛନ୍ତି । ଏହି ୬ଜଣ ଅଭିଯୁକ୍ତଙ୍କ ରାୟ ପ୍ରକାଶ ପାଇବା ପରେ କୁଜଙ୍ଗ ସମାଗୋଳ ଉପକାରଗାରକୁ ୫ ଜଣଙ୍କୁ ପଠାଯାଇଥିଲା ବେଳେ ପୂର୍ବ ମାମଲାକୁ ଭିତିକରି ଭୁବନେଶ୍ୱର ଝାରପଡା ଜେଲ୍‌କୁ ପଠାଯାଇଛି । ପ୍ରକାଶ ଥାଉକି, ଏହି ବହୁଚର୍ଚ୍ଚିତ ହତ୍ୟାକାଣ୍ଡ ସେତେବେଳେ ସମଗ୍ର କୁଜଙ୍ଗ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟି ଥିବାବେଳେ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ବୁଦ୍ଧିଜୀବି ମହଲରୁ ଦାବୀ ଉଠିଥିଲା । ଯାହାକି ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଥିଲା । ପରେ କୁଜଙ୍ଗ ପୋଲିସ ସେମାନଙ୍କୁ ଧରିବାରେ ସକ୍ଷମ ହୋଇଥିଲେ । ଦୀର୍ଘ ୬ବର୍ଷ ପରେ ଏହି ହତ୍ୟା ଘଟଣା ସାକ୍ଷୀ ପ୍ରମାଣଙ୍କ ବୟାନକୁ ଆଧାର କରି ଆଜି ଅଦାଲତ ରାୟ ପ୍ରକାଶ କରିବା ପରେ ଅଭିଯୁକ୍ତମାନଙ୍କ ପ୍ରତି ପ୍ରକୃତ ଦଣ୍ଡ ବିଧାନ ହୋଇଥିବାରୁ ଅଂଚଳରେ ଆନନ୍ଦ ପ୍ରକାଶ ପାଇଛି । ସେହିପରି ଅଭିଯୁକ୍ତକାରୀଙ୍କୁ ଅଦାଲତ ଉପଯୁକ୍ତ ଦଣ୍ଡ ଦେଇଥିବାରୁ ପଶିଆର ଆତ୍ମା ଶାନ୍ତିଲାଭ କରିବା ସଂଗେ ସଂଗେ ରାୟ ପ୍ରତି ପରିବାର ପକ୍ଷରୁ ଗଭୀର ସମ୍ମାନ ପ୍ରଦର୍ଶନ କରିଛନ୍ତି । ଉକ୍ତ ମାମଲାକୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ଦେବାଶିଷ କଣ୍ଠ, ହାଇକୋର୍ଟର ଆଇନ ଜୀବି ରମଣି କାନ୍ତ ପଟ୍ଟନାୟକ, ଜଗତସିଂହପୁର ଆଇନ୍‌ଜୀବି ରବିନ୍ଦ୍ରନାଥ ମହାନ୍ତି, ସୁଶିଲ୍ କୁମାର ଦାସ, କୁଜଙ୍ଗ ଆଇନି ଜୀବି ନଳିନୀ ଦାସ, ସତ୍ୟାନନ୍ଦ ବିଶ୍ୱାଳ ପ୍ରମୁଖ ପସିଆ ପରିବାର ପକ୍ଷରୁ ଉକ୍ତ ମାମଲା ପରିଚାଳନା କରିଥିଲେ ।




ଜୟଦେବ ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶ୍ୱ ନାଗରିକ ଦିବସରେ ଯୋଗଦାନ କରୁଛନ୍ତି

### ସାଇବର କ୍ରାଇମ୍ : ଫେକ୍ ଆକାଉଣ୍ଟ ଖୋଲି ଲକ୍ଷ ଲକ୍ଷ ଟଙ୍କା ଋଣ ଉଠାଣ

ଭଦ୍ରକ, ୧୦।୧୨(ପି.ଏନ):ଆଧାର କାର୍ଡ ସଂଶୋଧନ କରିବା ଆଳରେ ସାଧାରଣ ଲୋକଙ୍କ ଆଙ୍ଗୁଳି ଛାପକୁ ନେଇ କେତୋଟି ନିର୍ଦ୍ଦିଷ୍ଟ ବ୍ୟାଙ୍କରେ ଜମାଖାତା ଖୋଲିବା ସହ କିଛି ଟଙ୍କା ଜମା କରିବା ପରେ ଋଣ ପାଇଁ ଆବେଦନ କରି ଲକ୍ଷ ଲକ୍ଷ ଟଙ୍କାକୁ ସ୍ୱାଇପ୍ ମେସିନ୍ ଜରିଆରେ ଉଠାଣ କରିବା ଭଳି ସଂଘାତିକ ଅପରାଧର ପେଡି ଖୋଲିଛି ବାସୁଦେବପୁର ପୁଲିସ୍। ଗ୍ରାମବାସୀଙ୍କ ଅଭିଯୋଗ ମୂଳେ ପୁଲିସ୍ ତଦନ୍ତ ସମୟରେ କେତେଜଣ ବ୍ୟାଙ୍କ କର୍ମଚାରୀ ଏହି ସାଇବର ଅପରାଧରେ ଅପରାଧୀଙ୍କ ସହିତ ସଲାସୁତୁରା କରିଥିବା ଭଳି ସଂଗୀନ ଅଭିଯୋଗ ହୋଇଛି। ତେବେ ସଂପୃକ୍ତ ଅଭିଯୁକ୍ତ ସୌମ୍ୟରଂଜନ ଦାସଙ୍କ ସହ ତାଙ୍କ ପିତା ବାସବ ଚନ୍ଦ୍ର ଦାସ ସାମିଲ ଥିବା ବିଷୟ ପୁଲିସ୍ ତଦନ୍ତ ସମୟେ ଜାଣିବାକୁ ପାଇଛି।

## ଦିଲ୍ଲୀରେ ସୋନିଆ ଗାନ୍ଧୀଙ୍କୁ ଭେଟିଲେ ଓଡ଼ିଶାର କଂଗ୍ରେସ ନେତା ଓ ମହିଳା କଂଗ୍ରେସ ନେତ୍ରୀ

ଭଦ୍ରକ, ୧୦।୧୨(ପି.ଏନ):ଗତ ୯ ତାରିଖ ଅପରାହ୍ନରେ ସଂସଦ ଭବନର ୨୪ ନଂ ପ୍ରକୋଷ୍ଠରେ ଅଖିଳ ଭାରତ କଂଗ୍ରେସ କମିଟିର ସଭାନେତ୍ରୀ ସୋନିଆ ଗାନ୍ଧୀଙ୍କୁ ସାକ୍ଷାତ କରିଛନ୍ତି ଓଡ଼ିଶା ମହିଳା କଂଗ୍ରେସ ଓ କଂଗ୍ରେସର ନେତୃବୃନ୍ଦ। ସୋନିଆଙ୍କୁ ଜନ୍ମଦିନର ଅଭିନନ୍ଦନ ଜଣାଇବା ସହ ସେମାନେ ଓଡ଼ିଶା କଂଗ୍ରେସର ସାଂଗଠନିକ ସ୍ଥିତି ସମ୍ପର୍କରେ ତାଙ୍କ ସହ ବିଶଦ ଆଲୋଚନା କରିଥିଲେ। ଗତ ସାଧାରଣ ନିର୍ବାଚନରେ ଓ ଉପନିର୍ବାଚନ ଗୁଡ଼ିକରେ ଦଳର ଶୋଚନୀୟ ପରାଜୟ ଦଳକୁ ତୃତୀୟ ସ୍ଥାନରେ ସ୍ଥାନିତ କରିଥିବା ବେଳେ କର୍ମୀମାନଙ୍କ ମନୋବଳ ଦୁର୍ବଳ ହୋଇ ପଡ଼ିଛି। ପିସିସି ସଭାପତିଙ୍କ ଦୁର୍ବଳ ନେତୃତ୍ୱ, ପାରିବାରିକ ରାଜନୀତି, ଦଳ ଇସ୍ତାହାର ନାମରେ ଜନସାଧାରଣଙ୍କୁ ଦେଇଥିବା ପ୍ରତିଶୃତି ପାଳନ ନ କରିବା, ନିର୍ବାଚନ ପରିଚାଳନାରେ ବ୍ୟାପକ ତୃଟି ଆଦି ସମ୍ପର୍କରେ ସେମାନେ କଂଗ୍ରେସ ଅଧ୍ୟକ୍ଷାଙ୍କୁ ଅବଗତ କରାଇଥିଲେ। ବର୍ତ୍ତମାନର ପିସିସି ସଭାପତି କଂଗ୍ରେସ ଦଳକୁ ଓଡ଼ିଶାରେ ଆଉ ସଂଗଠିତ କରି ପାରିବ ନାହିଁ ଓ ଜଣେ ଯୁବ ନେତୃତ୍ୱ ଦୃଢମନା ହୋଇ ସଂଗ୍ରାମ ଜାରୀ ରଖିଲେ ଦଳ ଅଧିକ ସଂଗଠିତ ହୋଇ ଓ ବର୍ତ୍ତମାନ ସ୍ଥିତିରେ ବିଧାୟକ ମହମ୍ମଦ ମୋକିମ ଏଥି ପାଇଁ ଉପଯୁକ୍ତ ଏବଂ ତାଙ୍କର ଗ୍ରହଣୀୟତା ରହିଛି ବୋଲି ସେମାନେ ଅଧ୍ୟକ୍ଷାଙ୍କ ନିକଟରେ ପ୍ରସ୍ତାବ ରଖିଥିଲେ। ଶ୍ରୀଯୁକ୍ତ ମୋକିମ ପୂର୍ବରୁ ପିସିସିର କୋଷାଧ୍ୟକ୍ଷ ଓ ବିଭିନ୍ନ ପଦ ପଦବୀରେ ରହି ସଫଳତାର ସହ ପ୍ରାୟ ୪ଜଣ ପୂର୍ବତନ ପିସିସି ସଭାପତିଙ୍କ ସହ ଦକ୍ଷତାର ସହ କାର୍ଯ୍ୟକରି ସଂଗଠନକୁ ସୁଦୃଢ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସର୍ବୋପରି ସେ ଛାତ୍ର ଜୀବନରୁ ଛାତ୍ର ସଂସଦର ସଭାପତି, ସିନେଟ ମେମ୍ବର ଓ ସଫଳ ଉଦ୍ୟୋଗୀ ଏବଂ ବର୍ତ୍ତମାନ ସମ୍ମାନଜନକ କଟକର ସେ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ଜନ୍ମ ଦିନରେ ମହିଳା କଂଗ୍ରେସ କର୍ମକର୍ତ୍ତାମାନେ ଜଗନ୍ନାଥଙ୍କର ଅଙ୍ଗବସ୍ତ୍ର ତାଙ୍କୁ ଦେଇ ତାଙ୍କର ସୁସ୍ଥ ନିରାମୟ ଜୀବନ କାମନା କରିବା ସହ ତାଙ୍କୁ ବଧାଇ ଜଣାଇଥିଲେ। ଓଡ଼ିଶାରେ କଂଗ୍ରେସ ସଂଗଠନକୁ ସୁଧାରିବା ପାଇଁ ଅଧ୍ୟକ୍ଷା ଦୃଢ ନିଷ୍ପତ୍ତି ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସେମାନେ ଆଶା ପୋଷଣ କରିଛନ୍ତି। ପିସିସି ସମ୍ପାଦକ ସତ୍ୟାନନ୍ଦ ରାଉତଙ୍କ ନେତୃତ୍ୱରେ ପିସିସି ସାଧାରଣ ସମ୍ପାଦକ ବିଶ୍ୱଜିତ ଦାସ, ଏଆଇସିସି ସଦସ୍ୟ ନିକୁଞ୍ଜ ପଶାୟତ, ପୂର୍ବତନ ମହିଳା ପ୍ରଦେଶ କଂଗ୍ରେସ ସଭାନେତ୍ରୀ ସନ୍ଧ୍ୟା ମହାପାତ୍ର, ପୂର୍ବତନ ପ୍ରଦେଶ କଂଗ୍ରେସ ମହିଳା ସମ୍ପାଦିକା ଶୈଳବାଳା ଜେନା, ପୂର୍ବତନ ପ୍ରଦେଶ କଂଗ୍ରେସ ମହିଳା ସାଧାରଣ ସମ୍ପାଦିକା ଗିରିବାଳା ବେହେରା, ବିଶ୍ୱକଲ୍ୟାଣୀ କର, ପରଜନା ତବସୁମ୍, ଆରତୀ ସ୍ୱାଇଁ ପ୍ରମୁଖ ଶ୍ରୀମତୀ ଗାନ୍ଧୀଙ୍କୁ ଭେଟିଥିଲେ।

### ସରିଲା ପିଏଲଜିଏ ସପ୍ତାହ, ସରକାରୀ ବସ୍ ଚାଲିଲା

କନ୍ଧମାଳ, ୧୦।୧୨(ପି.ଏନ): ମାଓବାଦୀଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ପିଏଲଜିଏ ସପ୍ତାହ ଶେଷ ହୋଇଛି। ସ୍ୱାଭାବିକ୍ ହୋଇଛି ମାଓପ୍ରବଣ ଅଂଚଳକୁ ବନ୍ଦ ଥିବା ସରକାରୀ ବସ୍ ସେବା। କନ୍ଧମାଳ ଜୋନ୍ ରେ ବନ୍ଦ ଥିବା ପ୍ରାୟ ୧୦/୧୨ ଟି ରୁଟରେ ବସ୍ ଚଳାଚଳ ଆରମ୍ଭ ହୋଇଥିବା ଜଣାପଡିଛି। ମାଓବାଦୀଙ୍କ ପିଏଲଜିଏ ସପ୍ତାହ ପାଳନକୁ ଦୃଷ୍ଟିରେ ରଖି ଗତ ସପ୍ତାହରୁ ସରକାରୀ ବସ୍ ଚଳାଚଳ ବନ୍ଦ ଥିଲା। ତେବେ, ଏହି ପିଏଲଜିଏ ସପ୍ତାହରେ ମାଓବାଦୀ ମାନେ କୌଣସି ଠାରେ ମଧ୍ୟ ଅଘଟଣ ଘଟାଇ ନାହାଁନ୍ତି। ପୋଲିସ ପକ୍ଷରୁ ମାଓଇଲାକା ଗୁଡିକରେ କମ୍ବିଂ ଅପରେସନକୁ ଯୋରଦାର କରାଯିବା ସହ ପେଟ୍ରୋଲିଂକୁ କଡ଼ାକଡ଼ି କରାଯାଇଥିଲା।

### ମୃତ୍ୟୁର ଦେଢବର୍ଷ ପରେ ସତ ଖୋଜୁଛି ପୋଲିସ : କବର ତଳୁ ବାହାରିଲା ସେଲିବ୍ରିଟିଙ୍କ ଶବ

କନ୍ଧମାଳ, ୧୦।୧୨(ପି.ଏନ): ଏକ ନାବାଳିକା ଛାତ୍ରୀର ଆତ୍ମହତ୍ୟାର ସତ ଖୋଜୁଛି ଜି.ଉଦୟଗିରି ପୋଲିସ। ନାବାଳିକା ମୃତ୍ୟୁର ପ୍ରାୟ ୧ ବର୍ଷ ୧୦ ମାସ ବିତିଯିବା ପରେ ପୋଲିସ କବର ଖୋଳି କଙ୍କାଳ ଜବତ କରିବାସହ ମୃତ୍ୟୁର ରହସ୍ୟ ଉନ୍ମୋଚନ କରିବା ନେଇ ଉଦ୍ୟମ ଚଳାଇଛି । ଗତ ୧ ଫେବୃଆରୀ ୨୦୧୮ରେ ଜି.ଉଦୟଗିରି ଥାନା ଅନ୍ତର୍ଗତ କୁମ୍ଭାରକୁପା ଗ୍ରାମର ସେଲିବ୍ରିଟି ନାମକ ଯୁକ୍ତ ୨ ପ୍ରଥମ ବର୍ଷରେ ପାଠ ପଢୁଥିବା ନାବାଳିକା ଛାତ୍ରୀଙ୍କୁ ନିରୋଳାରେ ପାଇ ତାର ଭିଣୋଇ ସ୍ମରଣଜିତ ନାଏକ ଯୋରଜବରଦସ୍ତ ଦୁଷ୍କର୍ମ କରିବାସହ ତାକୁ ହତ୍ୟା କରି ରଶିରେ ଝୁଲାଇ ଆତ୍ମହତ୍ୟାର ରୂପ ଦେଇଥିଲା। ଆଉ ନାବାଳିକାର ଶବକୁ କବର ଦେଇଥଲା । ସେତେବେଳେ ଏହି ଘଟଣା ସଂପର୍କରେ ପୋଲିସ କୁଆଡେ ଜାଣିଥିଲେ ମଧ୍ୟ ମୋଟା ଅଙ୍କର ଅର୍ଥ ନେଇ ତାକୁ ଚପାଇ ଦେଇଥିବା ଅଭିଯୋଗ ହୋଇଥିଲା। ଏନେଇ ନାବାଳିକାର ବାପା ଜିଆସ ନାଏକ ମହିଳା କମିଶନ, ରାଜ୍ୟ ପୋଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରେ ଅଭିଯୋଗ କରିବା ପରେ ଉପରୁ ନିର୍ଦ୍ଦେଶ ପାଇ ପୋଲିସ ଆଜି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କବର ଖୋଳି ନାବାଳିକାଙ୍କ କଙ୍କାଳ ଜବତ କରିବା ସହ ଫରେନସିକ୍ ବିଭାଗକୁ ହସ୍ତାନ୍ତର କରିଥିଲା। ଏହି ମାମଲାର ନିରପେକ୍ଷ ତଦନ୍ତ କରାଯାଇ ଅଭିଯୁକ୍ତ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସଙ୍ଗେ ସଙ୍ଗେ ପୀଡିତା ପରିବାରକୁ ନ୍ୟାୟ ପ୍ରଦାନ ଲାଗି ସାଧାରଣରେ ଦାବୀ ହେଉଛି।

### ଆଜିଠାରୁ ଏମଏଲଏ କ୍ୱାର୍ଟର ଭଙ୍ଗାଯିବ

ଭୁବନେଶ୍ୱର, ୧୦।୧୨(ପି.ଏନ): ପୂର୍ବ ନିଷ୍ପତି ଅନୁଯାୟୀ ଆସନ୍ତାକାଲି ବିଧାନସଭା ସମ୍ମୁଖରେ ଥିବା ଏମଏଲଏ କ୍ୱାର୍ଟର ଭଙ୍ଗାଯିବ। ସେଠାରେ ବହୁତଳ ବିଶିଷ୍ଟ ଅତ୍ୟାଧୁନିକ କୋଠାମାନ ନିର୍ମାଣ କରାଯିବ। ଯୋଜନା ଅନୁଯାୟୀ ପାର୍କ, ଜିମ୍, ସୁଇମିଂ ପୁଲ୍, କମ୍ୟୁନିଟି ହଲ୍ ନିର୍ମାଣ କରାଯିବ। ପ୍ରଥମ ପର୍ଯ୍ୟାୟରେ ୪୨ଟି ଏମଏଲଏ କ୍ୱାର୍ଟର ଭଙ୍ଗାଯିବ। ଏପର୍ଯ୍ୟନ୍ତ ୨୪ଜଣ ବିଧାୟକ କ୍ୱାର୍ଟର ଛାଡ଼ିଥିଲାବେଳେ ଅନ୍ୟମାନେ ଛାଡ଼ିନାହାନ୍ତି। ସେମାନଙ୍କୁ ଅତିଶୀଘ୍ର କ୍ୱାର୍ଟର ଖାଲି କରିବା ପାଇଁ କୁହାଯାଇଛି।

### ଦାଦନ ପାଇଁ ଯାଉଥିବା ନାବାଳିକା ଉଦ୍ଧାର

ଭଦ୍ରକ, ୧୦।୧୨(ପି.ଏନ): ସଂପର୍କୀୟ ମଉସାଙ୍କ ସହିତ ବିଜୟଓ୍ୱାଡାକୁ ଦାଦନ ଖଟିବାକୁ ଯାଉଥିବା ଜଣେ ନାବାଳିକାକୁ ଭଦ୍ରକ ଚାଇଲ୍ଡ ଲାଇନ୍ ଉଦ୍ଧାର କରିଛି। ବାଲେଶ୍ୱର ଜିଲା ଖଇରା ଥାନା ଅଧୀନସ୍ଥ କଇଥଗଡିଆ ଗ୍ରାମନିବାସୀ ହରିହର ପାତ୍ର, ତାଙ୍କ ପତ୍ନୀ ଓ କନ୍ୟା ସହିତ ସଂପର୍କୀୟା ଝିଆରୀ (୧୩) ବିଜୟଓ୍ୱାଡାର ଏକ ସୂତାକଳରେ କାମ କରିବା ପାଇଁ ଯାଉଥିଲେ।

## ଉର୍ଜା ଓ ଇସ୍ପାତ ପ୍ରସଙ୍ଗରେ ଜାପାନ ମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସାକ୍ଷାତକାର



ନୂଆଦିଲ୍ଲୀ/ଭୁବନେଶ୍ୱର, ୧୦।୧୨(ପି.ଏନ): ନୂଆଦିଲ୍ଲୀ ଠାରେ ମଙ୍ଗଳବାର ଜାପାନର ଅର୍ଥ, ବାଣିଜ୍ୟ ଓନିବେଶ ମନ୍ତ୍ରୀ ହିରୋସୀ କାଜିୟାମା ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମଧ୍ୟରେ ଫଳପ୍ରଦ ଆଲୋଚନା ହୋଇଯାଇଛି । ଏହି ଆଲୋଚନା କାଳରେ ଭାରତ ଓ ଜାପାନ ମଧ୍ୟରେ ପାରସ୍ପରିକ ସମ୍ପର୍କକୁ ମଜବୁତ୍ କରିବାପାଇଁ ଉଭୟ ମନ୍ତ୍ରୀ ଉର୍ଜା ଓ ଇସ୍ପାତ୍ କ୍ଷେତ୍ର ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଜାପାନର ଅନେକ ଇସ୍ପାତ କମ୍ପାନୀ ଗୁଡିକ ଭାରତର ଇସ୍ପାତ କମ୍ପାନୀମାନଙ୍କ ସହ ମିଶି କାମ କରୁଛନ୍ତି । ଯଦ୍ୱାରା ବିଗତ ଦିନମାନଙ୍କରେ ଦୁଇ ଦେଶର ସମ୍ପର୍କ ଦ୍ୱାରା ଅନେକ ସୁପ୍ରଭାବ ପରିଲକ୍ଷିତ ହୋଇଛି। ଏହି ଅବସରରେ ଜାପାନର ମନ୍ତ୍ରୀ ଏଲଏନଜି କ୍ଷେତ୍ରରେ ଭାରତକୁ ସହଯୋଗ କରିବା ପାଇଁ ସମ୍ମତି ପ୍ରଦାନ କରିଥିଲେ । ଜାପାନର କମ୍ପାନୀ ମାନେ ଭାରତର ତୈଳ, ଗ୍ୟାସ କ୍ଷେତ୍ରରେ ସହଯୋଗୀ ହେବାକୁ ଇଚ୍ଛୁକ ଥିବା ସେ କହିଥିଲେ । ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଶ୍ୱର ଅଗ୍ରଗତି ତଥା ବ୍ୟବସାୟିକ କାରବାର ପାଇଁ ପାଇଁ ଭାରତ ଏକ ଉତ୍କୃଷ୍ଟ ସ୍ଥାନ। ୨୦୧୯ ବିଶ୍ୱ ବ୍ୟାଙ୍କର ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସରେ ଭାରତ ଗତ ୩ ବର୍ଷରେ ୬୭ତମ ର୍ୟାଙ୍କରୁ ୬୩ତମ ର୍ୟାଙ୍କରେ ପହଁଚିଛି । ପୁଞ୍ଜିନିବେଶ ତଥା ବ୍ୟବସାୟିକ କାରବାର ପାଇଁ ଭାରତ ଏକ ଉତ୍କୃଷ୍ଟ ସ୍ଥାନ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଜାପାନ ଲମ୍ବା ସମୟ ଚୁକ୍ତି ଅନୁଯାୟୀ ଭାରତ ଠାରୁ ଲୁହା ପଥର ଆମଦାନୀ କରୁଥିବା ବେଳେ ଭାରତ ଜାପାନ ଠାରୁ ମୂଲ୍ୟବାନ ଇସ୍ପାତ ଆମଦାନୀ କରୁଛି । ୨୦୨୪ ସୁଦ୍ଧା ଭାରତ ଦେଶର ତୈଳ ଓ ଗ୍ୟାସ କ୍ଷେତ୍ରର ବିକାଶ ପାଇଁ ୧୬୦ ବିଲିୟନ ଡଲାର ପୁଞ୍ଜିନିବେଶ କରିବ । ୨୦୨୪ "ସୁଦ୍ଧା ଭାରତ ୫ ଟ୍ରିଲିୟନର ଲକ୍ଷ୍ୟ ହାସଲ କଲେ ଇସ୍ପାତ ଶିଳ୍ପ ବୃଦ୍ଧି ହେବ । ଆଗାମୀ ୫ ବର୍ଷ ମଧ୍ୟରେ ଦେଶର ଭିତିଭୂମିର ବିକାଶ ପାଇଁ ଆମେରିକୀୟ ଡଲାରରେ ୧.୪ ଟ୍ରିଲିୟନ ପୁଞ୍ଜିନିବେଶ କରାଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏହାସହ ଜାପାନର କାର୍ଯ୍ୟଶୈଳି, ନୂଆ ନୂଆ ଯନ୍ତ୍ରପାତି ତିଆରି କରିବାର ଉତ୍ସାହ ଏବଂ ଶିଳ୍ପ ଉଦ୍ୟୋଗକୁ ପ୍ରଶଂସା କରିବା ସହ ଏହି ଅବସରରେ ଶ୍ରୀ ପ୍ରଧାନ ଜାପାନର ଶକ୍ତି ଓ ଇସ୍ପାତ୍ କମ୍ପାନୀ ଗୁଡିକୁ ଭାରତରେ ପୁଞ୍ଜିନିବେଶ ପାଇଁ ନିମନ୍ତ୍ରଣ କରିଥିଲେ ।

## ୨୦୧୮ ବର୍ଷ ପାଇଁ ରାଜ୍ୟ ଚଳଚିତ୍ର ପୁରସ୍କାର ଘୋଷଣା

ଭୁବନେଶ୍ୱର, ୧୦।୧୨ (ପି.ଏନ):ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମଙ୍ଗଳବାର ଦିନ ୨୦୧୮ ବର୍ଷ ପାଇଁ ରାଜ୍ୟ ଚଳଚିତ୍ର ପୁରସ୍କାର ଘୋଷଣା କରିଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଘୋଷଣା କରାଯାଇଛି । ୨୦୧୮ ବର୍ଷ ପାଇଁ ସମ୍ମାନଜନକ ଜୟଦେବ ସମ୍ମାନ ବିଶିଷ୍ଟ ନାଟ୍ୟକାର ତଥା ସଂଳାପକାର ବିଜୟ ମିଶ୍ରଙ୍କୁ ପ୍ରଦାନ କରାଯିବ । ସେହିଭଳି ବରିଷ୍ଠ ଅଭିନେତା ମିହିର ଦାସଙ୍କୁ ଶ୍ରେଷ୍ଠ ଅଭିନେତା ସମ୍ମାନ ପାଇଁ ମନୋନୀତ କରା ଯାଇଛି । ଅଭିନେତ୍ରୀ ଅର୍ଚିତାଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ପ୍ରଦାନ କରା ଯିବ ବୋଲି ଘୋଷଣା କରା ଯାଇଛି । ଭିଜା ମାଟିର ସ୍ୱର୍ଗକୁ ଶ୍ରେଷ୍ଠ ଫିଚର ଫିଲ୍ମ ଭାବେ ବଛା ଯାଇଛି । ଏହାର ନିର୍ଦ୍ଦେଶକ ଅକ୍ଷୟ ପରିଜାଙ୍କୁ ମୋହନ ସୁନ୍ଦର ଦେବ ଗୋସ୍ୱାମୀ ପୁରସ୍କାର ପ୍ରଦାନ କରାଯିବ । ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ମନମୋହନ ମହାପାତ୍ର ( ଫିଲ୍ମ ଭିଜା ମାଟିର ସ୍ୱର୍ଗ), ଶ୍ରେଷ୍ଠ କାହାଣୀ ଓ ସଂଳାପ ପାଇଁ ଡି. ନିରଂଜନ ରେଡ୍ଡୀ (ଓଲେ ଓଲେ ଦିଲ ବୋଲେ), ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବେ ଶାନ୍ତିରାଜ ଖୋସଲା (ଫେରି ଆ) ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ (ପୁରୁଷ) ଭାବେ କରୁଣାକର (ଫେରି ଆ) ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା (ମହିଳା) ଅନ୍ତରା ଚକ୍ରବର୍ତୀ (ସାଥୀ ତୁ ଫେରି ଆ), ଶ୍ରେଷ୍ଠ ଫଟୋଗ୍ରାଫର ଭାବେ ଦିଲ୍ଲିପ ରାୟ (ଭିଜା ମାଟିର ସ୍ୱର୍ଗ), ଶ୍ରେଷ୍ଠ ସମ୍ପାଦନା ଅମରେନ୍ଦ୍ର ମହାପାତ୍ର ( ଫେରି ଆ) , ଶ୍ରେଷ୍ଠ ଗୀତ କବିତା ପାଇଁ ବସନ୍ତ ରାଜ ସାମଲ ( ସାଥୀ ତୁ ଫେରି ଆ), ଶ୍ରେଷ୍ଠ ଚିତ୍ରନାଟ୍ୟ ପାଇଁ ଆଶୁତୋଷ ମହାପାତ୍ର (ଭିଜା ମାଟିର ସ୍ୱର୍ଗ). ଶ୍ରେଷ୍ଠ ସହ ଅଭିନେତା ପାଇଁ ମନୋଜ ମିଶ୍ର (ଚମ୍ପିଆନ), ଶ୍ରେଷ୍ଠ ସହ ଅଭିନେତ୍ରୀ ପାଇଁ ଶିବାନୀ ଖରା (ଫେରି ଆ)ଙ୍କୁ ମନୋନୀତ କରା ଯାଇଛି । ସେହିପରି ଶ୍ରେଷ୍ଠ କମେଡିଆନ ଭାବେ ରାଖୀ ( ଦିବାନା ହେଲି ତୋ ପାଇଁ) , ଶ୍ରେଷ୍ଠ ଶିଶୁ କଳାକାର ଭାବେ ସାର୍ଥକ ହୋତା ( ଫେରି ଆ) ଓ ଶ୍ରେଷ୍ଠ ସଂଳାପ ଲେଖକ ଭାବେ ନନ୍ଦଲାଲ ମହାପାତ୍ର ( ଭିଜା ମାଟିର ସ୍ୱର୍ଗ)ଙ୍କୁ ମନୋନୀତ କରା ଯାଇଛି ।

## ସୂଚନା ଅଧିକାର କର୍ମୀଙ୍କୁ ଘରୁ ଡାକି ଗୁଳିକରି ହତ୍ୟା

କନ୍ଧମାଳ, ୧୦।୧୨(ପି.ଏନ): ଆଜି କନ୍ଧମାଳ ଜିଲା ବାଲିଗୁଡାଠାରେ ଥିବା ପାତ୍ରସାହିରେ ରହୁଥିବା ବାଲିଗୁଡା ଅଂଚଳର ଜଣେ ଜଣାଶୁଣା ସୂଚନା ଅଧିକାର କର୍ମୀ ଅଭିରାମ ପଣ୍ଡା(୫୦)ଙ୍କୁ ତାଙ୍କ ଘରୁ ଡାକି ଘର ଆଗରେ ହିଁ ଗୁଳି କରି ହତ୍ୟା କରିଛନ୍ତି ଦୁର୍ବୃତ । ଏହି ଘଟଣା ପରେ ବାଲିଗୁଡା ଅଂଚଳରେ ଚାଂଚଲ୍ୟ ଖେଳିଯାଇଛି । ବାଲିଗୁଡାରେ ପ୍ରାୟ ଏକ ଘଣ୍ଟା ପର୍ଯ୍ୟନ୍ତ ଗାଡିମୋଟର ସବୁକୁ ବନ୍ଦ କରିଦେଇଥିଲେ ଅଂଚଳବାସୀ । ତେବେ ବାଲିଗୁଡା ଉପଖଣ୍ଡ ପୋଲିସ ଅଧିକାରୀ ସେଠାରେ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାପରେ ସ୍ଥିତି ସାମାନ୍ୟ ହୋଇଥିଲା । ଆଜି ସକାଳ ପ୍ରାୟ ୭.୩୦ ମିନିଟ ସମୟରେ ବାଲିଗୁଡାର ପାତ୍ରସାହିରେ ଅଭିରାମ ପଣ୍ଡାଙ୍କ ଘର ଆଗରେ ଗୋଟିଏ ବାଇକରେ ମୁଖା ଲଗାଇ ଦୁଇଜଣ ଯୁବକ ପହଂଚି ଅଭିରାମଙ୍କୁ ଡାକିଥିଲେ ଏବଂ ହଠାତ ତାଙ୍କ ଉପରକୁ ଗୁଳି ଚଳାଇ ସେଠାରୁ ଫେରାର ହୋଇଯାଇଥିଲେ । ଗୁଳିଟି ତାଙ୍କ ଛାତିରେ ବାଜିଥିଲା । ଫଳରେ ସେ ସେଠାରେ ତଳେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ନେଇ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରିଥିଲେ । କିନ୍ତୁ, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାଲିଗୁଡା ଥାନା ଅଧିକାରୀ ପ୍ରଶାନ୍ତ କୁମାର ବେହେରା ଏବଂ ଉପଖଣ୍ଡ ପୋଲିସ ଅଧିକାରୀ ମାନସ ରଞ୍ଜନ ବାରିକ ସେଠାରେ ପହଂଚି ମୃତକଙ୍କ ଶବ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛନ୍ତି । ପୋଲିସ ଏ ସଂକ୍ରାନ୍ତରେ ଏକ ହତ୍ୟା ମାମଲା ୧୮୮/୧୯ ରୁଜୁ କରି ଘଟଣାସ୍ଥଳରେ ପହଂଚି ତଦନ୍ତ କରିବା ସହିତ ଅପରାଧି ମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି । ତେବେ ତାଙ୍କୁ କାହିଁକି ଏବଂ କିଏ ହତ୍ୟା କରିଛି ତାର କୌଣସି ସୁରାକ ପୋଲିସ ପାଇନାହିଁ । ମୃତ ଅଭିରାମ ବାଲିଗୁଡା ଅଂଚଳର ଜଣେ ଜଣାଶୁଣା ବ୍ୟକ୍ତି ଥିଲେ ଏବଂ ସେହି ଅଂଚଳର ସୂଚନା ଅଧିକାର କର୍ମୀ ଭାବରେ ସୁପରିଚିତ ଥିଲେ ।

## ପିଆଜ ଦର ବୃଦ୍ଧି ପ୍ରତିବାଦରେ ଛାତ୍ର କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର, ୧୦।୧୨(ପି.ଏନ):ପିଆଜ ଦର ବୃଦ୍ଧି ପ୍ରତିବାଦରେ ଅଖିଳ ଭାରତ ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସାଧାରଣ ସଂପାଦକ ଶ୍ରୀ ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ଆଜି ଛାତ୍ର କଂଗ୍ରେସର ଏକ ବିଶାଳ ର୍ୟାଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ଶିଶୁଭବନ ଛକ ନିକଟସ୍ଥ ରାଜ୍ୟ ଯୋଗାଣ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସରକାରୀ ବାସଭବନ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଛାତ୍ର କଂଗ୍ରେସ ନେତୃବୃନ୍ଦ ପ୍ରତିବାଦ ଜଣାଇ ମନ୍ତ୍ରୀଙ୍କ ବାସଗୃହ ଆଡକୁ ଅଗ୍ରସର ହେବାବେଳେ ପୋଲିସ ଛାତ୍ର କଂଗ୍ରେସ ନେତାମାନଙ୍କୁ ଗିରଫ କରିଥିଲା। ଏହି ପରିପ୍ରେକ୍ଷୀରେ ଅଖିଳ ଭାରତ ଛାତ୍ର କଂଗ୍ରେସର ସାଧାରଣ ସଂପାଦକ ଶ୍ରୀ ରାଜୀବ ପଟ୍ଟନାୟକ କହିଛନ୍ତି ଯେ ରାଜ୍ୟ ସରକାରଙ୍କର ଅପାରଗତା ପାଇଁ ପିଆଜ ଦର ବୃଦ୍ଧି ହୋଇଛି। ପିଆଜ ଦର କମିବା ପାଇଁ ଯୁଦ୍ଧକାଳୀନ ଭିତିରେ ପଦକ୍ଷେପ ଗ୍ରହଣ କରିବା ପରିବର୍ତେ ରାଜ୍ୟ ସରକାର ଏହାକୁ ଜାତୀୟ ବିପତି କହିବା ଦୁର୍ଭାଗ୍ୟଜନକ। ପିଆଜ ଦରକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର ରିହାତି ଦେଇ ଗରିବ ଲୋକ କିପରି ସୁଲଭ ମୂଲ୍ୟରେ ପିଆଜ ପାଇବ ତା'ର ତୁରନ୍ତ ବ୍ୟବସ୍ଥା କରିବାକୁ ଛାତ୍ର କଂଗ୍ରେସ ଦାବି କରିଛି। ନବୀନ ଶାସନରେ ପିଆଜ ଦର ବୃଦ୍ଧି ଆଜି ନୂଆ ନୁହେଁ। ଗତ ୨୦ ବର୍ଷର ନବୀନ ଶାସନରେ ପିଆଜ ଦର ଅନେକ ଥର ଆକାଶ ଛୁଆଁ ହେବା ପରେବି ଉପଯୁକ୍ତ ବ୍ୟବସ୍ଥା ବା ନୀତି ରାଜ୍ୟ ସରକାର କରି ପାରିନାହାନ୍ତି। ପିଆଜ ଚାଷୀଙ୍କୁ ଓଡିଶାରେ ପ୍ରୋତ୍ସାହନ ନାହିଁ, ଶୀତଳଭଣ୍ଡାର ନାହିଁ, ପିଆଜ ପାଇଁ ଓଡିଶା ସବୁବେଳେ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ। ୨୦ ବର୍ଷ ଭିତରେ ଅଧିକ ପିଆଜ ଅମଳ ହେବା ପାଇଁ ରାଜ୍ୟ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି, ତାହା ସାଧାରଣ ଜନତାଙ୍କୁ ଜଣାନ୍ତୁ। ସେପଟେ ମୋଦି ସରକାର ମଧ୍ୟ ପିଆଜ ଦର ନିୟନ୍ତ୍ରଣ କରିପାରିବେ ନାହିଁ ବୋଲି ହାତ ଟେକି ଦେଇଛନ୍ତି। ମୋଦି-ନବୀନ ଶାସନରେ ହାଣ୍ଡିଶାଳରେ ପିଆଜର ମହଙ୍ଗା ମାଡ ହେଉଥିବା ସ୍ଥଳେ ଉଭୟ ସରକାର ନିଦକ ହୋଇ ବସିଛନ୍ତି। ଏମାନଙ୍କୁ ସାଧାରଣ ଜନତା କେବେ କ୍ଷମା ଦେବେନାହିଁ। ଯଦି ପିଆଜ ଦର ନିୟନ୍ତ୍ରଣ ନକରିପାରୁଛ ତେବେ ଯୋଗାଣ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।ଏହି କାର୍ଯ୍ୟକ୍ରମରେ ୟାସିର ନୱାଜ, ପ୍ରକାଶ ମିଶ୍ର, ରଂଜିତ୍ ପାତ୍ର, ଆଲୋକ ଦାସ, ପ୍ରତିକ୍ଷା ରଥ,ବାବୁ ଜେନା, ନିଖିଲ ପଟ୍ଟନାୟକ, ହେମନ୍ତ ମହାପାତ୍ର, ଉମେଶ ପାଢ଼ୀ, ବିରଂଚି ବାରିକ, ଅମିତ୍ କୁମାର, ଅରବିନ୍ଦ ପାଞ୍ଜିଆ, ଆଶୁତୋଷ ସାହୁ, ନିଶି ବର୍ଷା ପ୍ରମୁଖ ବହୁ ଛାତ୍ର କଂଗ୍ରେସ ନେତୃବୃନ୍ଦ ଅଂଶ ଗ୍ରହଣ କରିଥିଲେ।

## ବାକିଆ ବିଦ୍ୟୁତ୍ ବିଲ୍ ଆଦାୟ ପାଇଁ ସେସୁ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର, ୧୦।୧୨(ପି.ଏନ): ବାକିଆ ବିଦ୍ୟୁତ୍ ବିଲ୍ ଆଦାୟ କରିବା ପାଇଁ ସେସୁ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ ବୋଲି ଏହାର ସିଇଓ ଅରୁଣ ବୋଥ୍ରା ପ୍ରକାଶ କରିଛନ୍ତି। ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ସାଧାରଣ ଉପଭୋକ୍ତା ଏବଂ ଶିଳ୍ପସଂସ୍ଥା ଉପରେ ମୋଟ ୨୦୦୦ କୋଟି ଟଙ୍କା ବାକିଆ ରହିଅଛି । ଏଥିମଧ୍ୟରୁ ଘରୋଇ ଉପଭୋକ୍ତାଙ୍କ ଉପରେ ୧୦୨୩ କୋଟି ଟଙ୍କା ରହିଛି। ମୋଟ ବାକିଆ ମଧ୍ୟରୁ ୨୦୯ କୋଟି ଟଙ୍କାର ବିବାଦ ଅଛି। ଏହା ମଧ୍ୟରୁ ୧୦୮ କୋଟି ଟଙ୍କା କେବଳ ଶିଳ୍ପସଂସ୍ଥା ଉପରେ ରହିଛି। ଏହା କୋର୍ଟର ବିଚାରାଧିନ ରହିଛି। ୧ଲକ୍ଷ ଗ୍ରାହକ ଦୁଇବର୍ଷ ହେଲା ବିଲ୍ ଦେଇନାହାଁନ୍ତି। ୫୮ହଜାର ଉପଭୋକ୍ତାଙ୍କ ଉପରେ ୫୦ହଜାରରୁ ଉର୍ଦ୍ଧ୍ୱ ବାକିଆ ରହିଛି। ଏହି ଟଙ୍କା ପୈଠ କରିବା ପାଇଁ ଉପଭୋକ୍ତାମାନଙ୍କୁ ଏକମାସ ସମୟ ଦିଆଯିବ। ତା' ଭିତରେ ପରିଶୋଧ ନକଲେ ଡିସେମ୍ବର ୧୬ ତାରିଖ ଠାରୁ ବିଦ୍ୟୁତ କାଟ୍ ଅଭିଯାନ ଆରମ୍ଭ ହେବ। ଏବେଠାରୁ ନୋଟିସ୍, ଏସଏମଏସ, ଖବରକାଗଜରେ ବିଜ୍ଞାପନ, ରେଡିଓ/ଟିଭି/ଏଫଏମମାନଙ୍କରେ ବିଜ୍ଞାପନ, ଲିଫଲେଟ୍ ଜରିଆରେ ସୂଚନା ଦିଆଯିବ। ଯେଉଁମାନେ ଏକାସହିତ ବକେୟା ରାଶି ପ୍ରଦାନରେ ଅସମର୍ଥ ହେବେ ସେମାନେ କିସ୍ତି ମାଧ୍ୟମରେ ଏହାକୁ ଦେବା ପାଇଁ ଆବେଦନ କରିପାରିବେ। ସର୍ବାଧିକ ୬ଟି କିସ୍ତିରେ ଏହା ଦିଆଯାଇ ପାରିବ। ଏହି ବକେୟା ରାଶି କ୍ୟାସ, ଚେକ୍, ବ୍ୟାଙ୍କ ଡ୍ରାଫ୍, ଅନ୍‌ଲାଇନ ମାଧ୍ୟମରେ ପୈଠ କରିପାରିବେ। ନିରବିଚ୍ଛିନ୍ନ ଭାବରେ ଉନ୍ନତ ମାନର ବିଦ୍ୟୁତ୍ ଯୋଗାଇବାକୁ ହେଲେ ପଇସାର ଆବଶ୍ୟକତା ରହିଛି। ବାକିଆ ପଇସା ମିଳିଲେ ଏହି ସେବା ଯୋଗାଇ ଦିଆଯିବ। ଏଥିପାଇଁ ଜନସାଧାରଣଙ୍କ ସହଯୋଗ ପାଇଁ ଶ୍ରୀ ବୋଥ୍ରା ବିନମ୍ର ଅନୁରୋଧ କରିଛନ୍ତି।






# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କେବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

# ପୁରାଣ କାହାଣୀ

## ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୂତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।



ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା । ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

## ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।






ନିର୍ମାଣ ଶ୍ରମିକ ୟୁନିୟନ ସମନ୍ୱୟ କମିଟି ଡାକରାରେ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଶାଳ ବିକ୍ଷୋଭ

# ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ବିକ୍ଷୋଭ

ଭୁବନେଶ୍ୱର(ପିଏନ)-ବରିଷ୍ଠ କଂଗ୍ରେସ ନେତା ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ ସାମୁହିକ ନେତୃତ୍ୱରେ ଆଜି ଲିଙ୍ଗରାଜ ମନ୍ଦିର ନିକଟସ୍ଥ ପୁରୁଣା ଭୁବନେଶ୍ୱର ବାସିନ୍ଦା, ଉଠା ଦୋକାନୀ, କ୍ଷୁଦ୍ର ବ୍ୟବସାୟୀ, ବୁଦ୍ଧିଜୀବୀ, ଛାତ୍ର, ମହିଳା, ବଡୁ ନିଯୋଗ, ବ୍ରାହ୍ମଣ ନିଯୋଗ, ପୂଜାପଣ୍ଡା ନିଯୋଗ, ସମର୍ଥା ନିଯୋଗ ସମେତ ସେବାୟତ ଓ ବ୍ୟବସାୟୀ ମହାସଂଘର ହଜାର ହଜାର ଜନସାଧାରଣ ଆଜି ରାଜ୍ୟ ସରକାରଙ୍କର କଳାପାହାଡ ନୀତି ପ୍ରତିବାଦରେ ବିକ୍ଷୋଭ କରିଥିଲେ। ଲିଙ୍ଗରାଜ ମନ୍ଦିର ଥାନାକୁ ତିନି ଘଂଟା ଧରି ଘେରାଉ କରିବା ସହ ରାସ୍ତା ଅବରୋଧ ମଧ କରାଯାଇଥିଲା। ଶ୍ରୀ ରାଉତରାୟ କହିଥିଲେ ଯେ ରାଜ୍ୟ ସରକାର ଏଠିକାର ବାସିନ୍ଦା ଏବଂ ଯେଉଁମାନେ ଉଚ୍ଛେଦ ଦ୍ୱାରା ପ୍ରଭାବିତ ହେବେ ସେମାନଙ୍କ ସହ ଆଲୋଚନା ନକରି ଅତର୍କିତ ଭାବେ ଉଚ୍ଛେଦ କାର୍ଯ୍ୟ କରୁଛନ୍ତି। ଏହା ଫଳରେ ମନ୍ଦିର ଚତୁଃପାର୍ଶ୍ୱରେ ଯେଉଁମାନେ ଶହ ଶହ ବର୍ଷ ଧରି କ୍ଷୁଦ୍ର ବ୍ୟବସାୟୀ କରୁଛନ୍ତି ବା ରହି ଆସୁଛନ୍ତି, ସେମାନଙ୍କର ଜୀବନ ଜୀବିକା ଲୋପ ହୋଇଯାଉଛି। ରାଜ୍ୟ ସରକାର ଏପରି ହିଟଲରୀ ଶାସନ ନକରି ଆଲୋଚନା ମାଧମରେ ଏବଂ ପ୍ରଭାବିତ ଲୋକଙ୍କୁ ପ୍ରଥମେ କ୍ଷତି ପୂରଣ ଦେଇ ବା ଥଇଥାନ କରି, ପରେ ଉଚ୍ଛେଦ କାର୍ଯ୍ୟ କରନ୍ତୁ ବୋଲି ଶ୍ରୀ ରାଉତରାୟ ଦାବି କରିଛନ୍ତି। ଏଭଳି ବିଟ୍ରିଶରାଜ ଚଲାଇଲେ ଆନ୍ଦୋଳନକୁ ତୀବ୍ରତର କରାଯିବ



ବୋଲି ଶ୍ରୀ ରାଉତରାୟ କହିଛନ୍ତି। ଭଜନମଣ୍ଡପ ଓ ଏହା ପାଖରେ ଥିବା ସର୍ବସାଧାରଣଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥାକୁ ଯେପରି ଭାବରେ ଭଙ୍ଗା ଯାଇଛି ତାହାକୁ ଶ୍ରୀ ରାଉତରାୟ ନିନ୍ଦା କରିଛନ୍ତି। ଏଠାରେ ପ୍ରଭାବିତ ଲୋକ ରାସ୍ତାଉପରେ କାନ୍ଦୁଥିବା ବେଳେ ରାଜ୍ୟ ସରକାର ନାଲିଆଖି ଦେଖାଇ ସେମାନଙ୍କୁ ଦମନ କରିବା ପାଇଁ ଯେଉଁ ଅପଚେଷ୍ଟା କରିଛନ୍ତି ତାହାକୁ ବରଦାସ୍ତ କରାଯିବ ନାହିଁ ବୋଲି ଶ୍ରୀ ରାଉତରାୟ କହିଛନ୍ତି। ଆନ୍ଦୋଳନ ଚାଲିଥିବା ବେଳେ ଘଟଣାସ୍ଥଳକୁ ଏଡିଏମ୍, ଏସିପି, ବିଡିଏ କର୍ତ୍ତୃପକ୍ଷ, ବିଏମ୍‌ସିର ଡେପୁଟି କମିଶନର ଆସି ଆଲୋଚନା କରିବା ପରେ ଉଚ୍ଛେଦ କାର୍ଯ୍ୟ ହେବ ବୋଲି ପ୍ରତିଶ୍ରୁତି ରଖିବା ପରେ ସେଠାରେ ଆନ୍ଦୋଳନକୁ ସାମୂହିକ ଭାବେ ବନ୍ଦ କରାଯାଇଛି। ସରକାର ଯଦି ଆଲୋଚନା ନକରି ଉଚ୍ଛେଦ କରିବେ, ତେବେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ ବୋଲି ଶ୍ରୀ ରାଉତରାୟ ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନ କାର୍ଯ୍ୟକ୍ରମରେ ଦଳମତ ନିର୍ବିଶେଷରେ ବଡୁନିଯୋଗ ସଂପାଦକ କମଳାକାନ୍ତ ବଡୁ, ବ୍ରାହ୍ମଣୀ ନିଯୋଗ ସଂପାଦକ ବିଂରଚି ନାରାୟଣ ପତି, ବ୍ୟବସାୟୀ ସଂଘ ସଭାପତି ଟୁଟୁ ପଣ୍ଡା, ଏକ୍ରାମ ସାଂସ୍କୃତି ପ୍ରକାଶନୀ ସଂପାଦକ ସନତ ମିଶ୍ରଙ୍କ ସମେତ ସମୀର ମହାନ୍ତି, ବାବୁ ସିଂ, ଅମୀୟ ଦାସ, ରଶ୍ମି ମହାପାତ୍ର, ପ୍ରକାଶ ମିଶ୍ର, ଲିଙ୍ଗରାଜ ସାହୁ, ମାନସ ଆଚାର୍ଯ୍ୟ, ଦୀପକ ମହାପାତ୍ର, ଜୟକୃଷ୍ଣ ମଲିଆ, ମନୋରଞ୍ଜନ ଦାଶ, ଚିନ୍ମୟ ସୁନ୍ଦର ଦାସ, ତାପସ ଦଳେଇ, ଶିବ ବେହେରା, ମଦନମୋହନ ପ୍ରଧାନ, ନିଳମଣି ମିଶ୍ର, ନୃସିଂହ ମହାପାତ୍ର, ରାଧାମୋହନ ମହାପାତ୍ର, କପିଳ ପଣ୍ଡା, ଶ୍ରୀପତି ପତି, ଲୁଲୁ ପଢିହାରୀ, ମନୋରଂଜନ ବଡୁ, ରଂଜିତ ପାତ୍ର, ରାଜା ଗରାବଡୁ, ରତି ଗରାବଡୁ, ଚକ୍ରଧର ବେହେରା, ଶେଷ ଗରାବଡୁ, ଟୁଟୁ ପଣ୍ଡା, ଦିପ୍ତିମୟୀ ମକଦମ, ସୁଭାସିନୀ ପୃଷ୍ଟି, ଏଲିନା ପାଲ, ଶ୍ରୀୟାସ୍ମିତା ପଣ୍ଡା, ମହେଶ୍ୱର ପଣ୍ଡା, ଅମରେନ୍ଦ୍ର ଗରାବଡୁ, ସଂକୁନା କହଁର, ମୁନି ଥାପା, ଲୁଲୁ ମହାପାତ୍ର, ସୁରେଶ ପୂଜାପଣ୍ଡା, ପ୍ରଶାନ୍ତ ସମର୍ଥା, ରତିକାନ୍ତ ମହାଶୁଆର, ପୃଥିବୀ ମହାପାତ୍ର, କେଦାର ନାଥ ମହାପାତ୍ର, ଚକ୍ରଧର ବେହେରା, ଅନିକେତ ବଡୁ, ସୁନିଲ ପଣ୍ଡା, ଅଭିଷେକ ନାୟକ, ହଂସରାଜ ଜେନା, ଶିବପ୍ରସାଦ ଶ୍ରୀଚନ୍ଦନ, କୈଳାସ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଆସନ୍ତା କାଲି ପ୍ରଶାସନ ସହ ଏକ ଜରୁରୀ ବୈଠକ ସ୍ଥାନୀୟ ନେତୃମଣ୍ଡଳୀଙ୍କ ଉପସ୍ଥିତିରେ ଲିଙ୍ଗରାଜ ଭଜନ ମଣ୍ଡପରେ ଅନୁଷ୍ଠିତ ହୋଇ ସମାଧାନର ସୂତ୍ର ବାହାରିବାର ଶ୍ରୀ ରାଉତରାୟ ଆଶାବ୍ୟକ୍ତ କରିଛନ୍ତି।

# ଗବେଷିକା ସୁଲୋଚନା ସିଂ ସମ୍ମାନ ଜନକ ପିଏଚଡି ଡିଗ୍ରୀରେ ସମ୍ମାନିତ

ଚଣ୍ଡିଖୋଲ, ୦୯/୧୨ (ପି.ଏନ.)- ସୁଲୋଚନା ସିଂ ଦେଉଳକୁର ଗ୍ରାମର ବିଶ୍ୱନାଥ ସିଂ, ମାତା-ପଦ୍ମାବତୀ ସିଂଙ୍କର କନ୍ୟା ହୋଇ ସେ ବଡଚଣା ମହିଳା ଉଚ୍ଚ ବିଦ୍ୟାଳୟର ଓ ବଡଚଣା ମହିଳା ମହାବିଦ୍ୟାଳରେ ଅଧ୍ୟୟନ କରି ବି.ଏସ.ସିରେ ପାସ କରିବା ପରେ ଉତ୍କଳ ୟବିଶ୍ୱବିଦ୍ୟାଳୟରେ କେମିଷ୍ଟ ବିଭାଗର ଅଶର୍ନ ରଖି କୃତିତ୍ୱ ଅର୍ଜନ କରିଥିଲେ। ଶ୍ରୀମତୀ ସିଂ ଆ.ଇ.ଟି.ଇ ଆର ଭୁବନେଶ୍ର କଲେଜରେ କେମେଷ୍ଟ୍ରି ବିଭାଗର ମୁଖ୍ୟ ଅଧାପକ ଭବେ ଦାୟିତ୍ୱ ବହନ କରିଥିଲେ। ପି.ଏଚଡି ଡିଗ୍ରି ହାସଲ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟର କେମେଷ୍ଟ୍ରି ବିଭାଘର ଅବସର ପ୍ରାପ୍ତ ପ୍ରଫେସର ଉପେନ୍ଦ୍ରନାଥ ଦାସଙ୍କ ପ୍ରତ୍ୟେକ୍ଷ



ତତ୍ୱବଧାନରେ ଗବେଷଣା କରୁଥିଲେ। ସେ ମଧ ପି.ଏଚ.ଡି.ଡିଗ୍ରିରେ ଉତୀର୍ଣ୍ଣ ଡକ୍ଟରେଟ ପାଇଁ ବିବେଚିତ ହୋଇଥିଲେ। ଭୁବନେଶ୍ୱର ସ୍ଥିତ ଶିକ୍ଷା ଓ ଅନୁଶାସନ ବିଶ୍ୱ ବିଦ୍ୟାଳୟର ଏକ ଉତ୍ସବରେ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ, କେନ୍ଦ୍ରମନ୍ତ୍ରୀ ନିତୀନ ଗଡକାରୀ, ଧର୍ମେନ୍ଦ୍ର ପ୍ରଧାନ, ଓଡିଶାର ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଯୋଗ ଦେଇଥିଲେ। ଉତ୍ସବରେ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ, ଗବେଷିକା ସୁଲୋଚନା ସିଂଙ୍କୁ ଡକ୍ଟରେଟ ଉପାଧିରେ ମାନପତ୍ର, ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏ ନେଇ ବଡଚଣାର ବିଭିନ୍ନ ଅନୁଷ୍ଠାନ ଶିକ୍ଷାବିତ, ପରିବେଶବିତ ପ୍ରମୁଖ ଶ୍ରୀମତୀ ସିଂଙ୍କୁ ଶୁଭେଚ୍ଛା ଜଣାଇଅଛନ୍ତି।

# ମାନବ ଅଧିକାର ଦିବସ

**ତପନ କୁମାର ନନ୍ଦ**

ପ୍ରତ୍ୟେକ ବ୍ୟକ୍ତିଙ୍କର ଜୀବନ ଜୀବିକା ନିର୍ବାହ ନିମନ୍ତେ କେତେକ ମୌଳିକ ଅଧିକାରମାନ ରହିଛି। ମାତ୍ର ଦେଖାଯାଏ ଯେ ଏହି ଅଧିକାର ଗୁଡ଼ିକ ଅନେକ ସମୟରେ କ୍ଷୁର୍ଣ୍ଣ ହେବା ଫଳରେ ସେମାନେ ଶୋଷଣ ଏବଂ ଅତ୍ୟାଚାରର ଶିକାର ହୋଇଥାନ୍ତି। ମାନବ ସମାଜକୁ ଏକ ସନ୍ତୁଳିତ ସଭ୍ୟ ସମାଜ ଭାବେ ଗଢ଼ିବା ପାଇଁ ତଥା ଏହାର ଉନ୍ନତି ଏବଂ ପ୍ରଗତି ପାଇଁ ସଂଯୁକ୍ତ ରାଷ୍ଟ୍ର ଗୁଡ଼ିକ ୧୯୪୮ ମସିହା ଡିସେମ୍ବର ତାରିଖକୁ 'ଆର୍ନ୍ତଜାତୀୟ ମାନବ ଅଧିକାର ଦିବସ' ରୂପେ ଘୋଷଣା କରିଥିଲେ ଏବଂ ୧୯୫୦ ରୁ ଏହା କାର୍ଯ୍ୟକାରୀ ହେଲା। ଅନେକ ଦେଶ ମଧ୍ୟ ସ୍ୱଇଚ୍ଛାରେ ଏହି ସଂଗଠନରେ ସାମିଲ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଆମ ଦେଶ ଭାରତ ମଧ୍ୟ ଏହାର ସଦସ୍ୟତା ଗ୍ରହଣ କରି ୧୯୯୩ ମସିହା ସେପ୍ଟେମ୍ବର ୨୮ ତାରିଖରେ ଦେଶର ମାନବ ଅଧିକାର ଆୟୋଗ ଗଠନ କରିଥିଲେ। ଭାରତୀୟ ସମ୍ବିଧାନ ମଧ୍ୟ ଦେଶର ପ୍ରତ୍ୟେକ ନାଗରୀକ ମାନଙ୍କୁ ତାଙ୍କ ମୌଳିକ ଅଧିକାର ଦେବା ମହ ଏହାର ଉଲଘଂନ କାରୀ ମାନଙ୍କୁ ଦଣ୍ଡ ଦେବାର ମଧ୍ୟ ପ୍ରାବଧାନ କରିଅଛି। ଭାରତରେ ୧୮୨୯ ମସିହାରେ ସତୀ ପ୍ରଥା ଏବଂ ବାଲ୍ୟ ବିବାହକୁ ନିଷେଧ କରିବା ସହିତ ସାମ୍ବାଦିକତାକୁ ମଧ୍ୟ ସ୍ୱାଧିନତା ମିଳିଥିଲା।

ଏହା ସହିତ ଭାରତୀୟ ସମ୍ବିଧାନ ମଧ୍ୟ ନାଗରିକ ମାନଙ୍କ ପାଇଁ କେତୋଟି ମୌଳିକ ଅଧିକାରକୁ ସୁନିଶ୍ଚିତ କରିଛି। ତାହା ହେଲା- ସମାନତାର ଅଧିକାର, ସ୍ୱାଧିନତା ଅଧିକାର, ଶୋଷଣ ବିରୋଧି ଅଧିକାର, ଧାର୍ମିକ ସ୍ୱତନ୍ତ୍ରତାର ଅଧିକାର, ଶିକ୍ଷା ଓ ସାଂସ୍କୃତିକ ଅଧିକାର, ସାମ୍ବିଧାନିକ ପ୍ରତିକାର ଅଧିକାର, ଏହାଛଡ଼ା କର୍ମକ୍ଷେତ୍ରରେ ମଧ୍ୟ କର୍ମଚାରୀ ମାନଙ୍କର ବିଭିନ୍ନ ଅଧିକାର ରହିଛି। ଯାହା ଜଣେ ବ୍ୟକ୍ତି ବିଶେଷଙ୍କୁ ମର୍ଯ୍ୟଦାର ସହ ଜୀବନ ଯାପନ କରିବାକୁ ଅଧିକାର ଦିଏ। ଏହାର କେତୋଟି ବିଶିଷ୍ଟ ଏବଂ ଚର୍ଚ୍ଚିତ ଘଟଣାବଳୀର ଉଦାହରଣ ଗୁଡ଼ିକ ହେଲା-

୨୦୧୭ ମସିହାରେ ଏକ ଚର୍ଚ୍ଚିତ ଘଟଣା ଓଟଝ ଧର୍ମେନ୍ଦ୍ର ଚୌଧୁରୀଙ୍କ "ପୋଲିସ୍ ବୀରତା", ପଦକ ଫେରାଇ ନିଆଯାଇଥିଲା। କାରଣ ସେ ଝାବୁଆ ଜିଲ୍ଲା ଅର୍ନ୍ତଗତ ଏକ ପ୍ରମୁଖ ଅପରାଧି ଲୋହାନ୍‌କୁ ୨୦୦୨ ମସିହାରେ ମିଥ୍ୟା ଏନ୍‌କାଉଣ୍ଟରରେ ଗୁଳି କରି ହତ୍ୟା କରିଥିଲେ। ଯାହାର ପ୍ରକୃତ ଯାଞ୍ଚ ଘଐଜଉ (ଘବଣ୍ବସକ୍ଟଭବକ୍ଷ ଐଙ୍କଙ୍କବଭ ଜସଶକ୍ଷଣ୍ବ) ଦ୍ୱାରା କରାଯାଇଥିଲା।

ସେହିଭଳି ୧୯୫୨ରୁ ୧୯୬୦ ମଧ୍ୟରେ ବ୍ରିଟିଶ ସରକାର ପରାଧିନ କେନିଆରେ ବ୍ରିଟିଶ ବାହୀନି ଦ୍ୱାରା ଅତ୍ୟାଚାରିତ ୫୨୨୮ ଜଣ କେନିଆ ଅଧିବାସୀ ମାନଙ୍କୁ ବ୍ରିଟିଶ ସରକାର ୧୯.୯ ମିଲିଅନ୍ ପାଉଣ୍ଡର କ୍ଷତିପୂରଣ ଦେଇଥିଲେ ଏବଂ ନାଇରୋବିର ଏହି ନିର୍ଯ୍ୟାତିତ ଲୋକଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସ୍ତମ୍ଭ ତିଆରି କରାଯାଇଛି। ସେହିଭଳି ୨୦୧୮ ମସିହାରେ ଦିଲ୍ଲୀ ଏମ୍ସ ହସ୍‌ପିଟାଲ୍‌ରେ ଦୁର୍ଭାଗ୍ୟବଶତଃ ଏକ ୨୦ବର୍ଷୀୟ ଯୁବକର ମୃତ୍ୟୁ ପାଇଁ ତାଙ୍କ ପରିବାରକୁ ୩ଲକ୍ଷ ଟଙ୍କା କ୍ଷତିପୂରଣ ମିଳିଥିଲା, ଯାହା ଜାତୀୟ ମାନବ ଅଧିକାରର ଚାପ ପକାଇବା ଦ୍ୱାରା ସମ୍ଭବ ହୋଇଥିଲା।

ପାକିସ୍ତାନ, ଆଫଗାନିସ୍ତାନ ଭଳି ଅନେକ ଦେଶ ଆଜି ମଧ୍ୟ ସେନା ଦ୍ୱାରା ପରିଚାଳିତ ହେଉଛନ୍ତି। ଅଲ୍‌କାଏଦା, ଆଇଏସ୍‌ଆଇ, ବୋକୋହାରମ୍, ଜୈସ୍-ଏ-ମହମ୍ମଦ, ଲସ୍କର-ଏ-ତୋଇବା ଭଳି ଅନେକ ଆତଙ୍କବାଦୀ ସଂସ୍ଥା ସ୍କୁଲ୍‌ରେ ଛାତ୍ରୀ ମାନଙ୍କୁ ଶିକ୍ଷାର ଅଧିକାର ଏବଂ ମହିଳା ମାନଙ୍କୁ ସ୍ୱତନ୍ତ୍ରତା ତଥା ଆତ୍ମନିର୍ଭରଶୀଳ ହେବାକୁ ଦେଉନାହାନ୍ତି। ଏଭଳି ପାକିସ୍ତାନସ୍ଥିତ ମୁସଲିମ୍ ଆତଙ୍କବାଦୀ ମାନେ ଛାତ୍ରୀ ମାଲାଲା ୟୁସୁଫ୍‌କାଇଙ୍କୁ ଗୁଳିବିଦ୍ଧ କରିବାକୁ ମଧ୍ୟ ପଛାଇ ନଥିଲେ। ହେଲେ ସେ ପରବର୍ତ୍ତୀ ସମୟରେ ମାନବ ଅଧିକାର ଆୟୋଗ ଦ୍ୱାରା ଲଣ୍ଡନରେ ପାଠ ପଢ଼ିବା ଏବଂ ରହିବାର ସୁବିଧା ମିଳିଥିଲା ଏବଂ ପରବର୍ତ୍ତୀ ସମୟରେ ସେ ନୋବେଲ୍ ଶାନ୍ତି ପୁରସ୍କାର ମଧ୍ୟ ପାଇଥିଲେ। ସେହିଭଳି ବହୁ ଚର୍ଚ୍ଚିତ ୟାଯିଦି ସମ୍ପ୍ରଦାୟର ନାଦିଆ ମୁରାଦ୍ ଯାହାଙ୍କୁ ଇରାକ୍‌ର ଆଇଏସ୍‌ଆଇଏସ୍ ଆତଙ୍କବାଦୀ ମାନେ ଯୌନଦାସୀ କରିବା ସହ ତାଙ୍କ ପରିବାରର ଅନ୍ୟ ସଦସ୍ୟ ମାନଙ୍କୁ ଅକାରଣରେ ହତ୍ୟା କରିଥିଲେ। ୨୦୧୮ ମସିହାରେ ତାଙ୍କୁ ମଧ୍ୟ 'ମାନବ ଅଧିକାର ଆୟୋଗ' ଦ୍ୱାରା ନୋବେଲ୍ ପୁରସ୍କାର ଦ୍ୱାରା ସମ୍ମାନିତ କରାଯାଇଥିଲା, ଯାହା ଫଳରେ ନାଦିଆ ଅନ୍ୟ ମହିଳା ମାନଙ୍କ ପାଇଁ ଏକ ଉଦାହରଣ ହୋଇପାରିଥିଲେ। ବର୍ତ୍ତମାନ ସମୟରେ 'ମାନବ ଅଧିକାର ଆୟୋଗ'ର ମହତ୍ତ୍ୱ ଅଧିକ ବଢ଼ିଯାଇଛି। ସମସ୍ତ ଦେଶର ସରକାର ନିଜର ନାଗରିକ ମାନଙ୍କୁ ମୂଳ ଅଧିକାର ପ୍ରଦାନ କରିବା ସହ ଉଚିତ୍ ନ୍ୟାୟ ଦେବା ମଧ୍ୟ ଖୁବ୍ ଜରୁରୀ। ତେଣୁ ଆଜିର ଦିନରେ 'ମାନବ ଅଧିକାର ଆୟୋଗ' ବା ବିଶ୍ୱ ମାନବ ଅଧିକାର ଦିବସ ବିଷୟରେ ଅଧିକରୁ ଅଧିକ ଲୋକଙ୍କୁ ଜଣାଇବା ଆବଶ୍ୟକ। କାରଣ ବଞ୍ଚିବାର ଅଧିକାର ସମସ୍ତଙ୍କର ରହିଛି ଏବଂ 'ମାନବିକତା ହିଁ ହେଉଛି ସମସ୍ତ ଜାତି, ଧର୍ମ, ବର୍ଣ୍ଣର ଉର୍ଦ୍ଧ୍ୱରେ।

**ଆଙ୍କୁଲା, ଯାଜପୁର**

# ରାଜ୍ୟସ୍ତରୀୟ ବିଦ୍ୟାଳୟ ପରିଚାଳନା କମିଟି ମହାସଂଘ ଗଠିତ

ଭୁବନେଶ୍ୱର, (ପିଏନ)- ଓଡିଶା ଶିକ୍ଷା ଅଧିକାର ଫୋରମ ତରଫରୁ ଏକ ରାଜ୍ୟସ୍ତରୀୟ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ-ସଭ୍ୟାମାନଙ୍କର ୨ ଦିନିଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।

# ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ଗୀତା ଜୟନ୍ତୀ ପାଳିତ

ଭୁବନେଶ୍ୱର,(ପିଏନ)- ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, କେନ୍ଦୁଝରଗଡ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶ୍ରୀମଦ୍‌ଭଗବତ୍ ଗୀତାକୁ ପୂଜା କରାଯାଇ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଗୀତା ଶ୍ଳୋକ ଆବୃତ୍ତି ଓ ଭାବାର୍ଥବୋଧ ପ୍ରତିଯୋଗିତା ଶ୍ରେଣୀ ଆଧାରରେ କରାଯାଇ ଶ୍ରେଣୀର ପ୍ରଥମ ମାନଙ୍କ ମଧ୍ୟରେ ପୁଣି ପ୍ରତିଯୋଗିତା କରାଯାଇ ବିଦ୍ୟାଳୟ ସ୍ତରରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। କୃତି ଛାତ୍ରଛାତ୍ରୀ ମାନେ ତନୁଜା ପ୍ରିୟଦର୍ଶନୀ ପ୍ରଥମ, ସାଇସ୍ୱରୀ ନାଥ ଓ କେଶବଦାସ ଦ୍ୱିତୀକୃଷ୍ଣ ଦ୍ୱିତୀୟ ଓ ପ୍ରିୟଦର୍ଶିନୀ ମହାକୁଡ ତୃତୀୟସ୍ଥାନ ଅଧିକାର କରିଥିଲେ। ବିଦ୍ୟାଳୟ ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି



ଗୀତା ଯଜ୍ଞର ପୂର୍ଣ୍ଣାହୁତି କରିଥିଲେ। ବିଚାରକ ଭାବେ ସହପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ, ଆଚାର୍ଯ୍ୟ ସୁଶାନ୍ତ କୁମାର ଆଚାର୍ଯ୍ୟ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଘମିତ୍ରା ବିଶ୍ୱାଳ, ରାହାସ ବିହାରୀ ନାଏକ, ମଞ୍ଜୁଶ୍ରୀ ରାଉତ, ସ୍ନେହଲତା ସାହୁ ସମେତ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

# ସୋନାଲୀ ରାଜ୍ ମହାନ୍ତିଙ୍କୁ ମିଳିଲା ମିସେସ୍ ଇଣ୍ଡିଆ ୟୁନିଭର୍ସ ୱାର୍ଲ୍ଡ ୨୦୧୯ ଟାଇଟଲ୍

ଭୁବନେଶ୍ୱର, (ପିଏନ): ନିକଟରେ ତୁଷାର ଧଲିୱାଲ ଏବଂ ଅର୍ଚ୍ଚନା ତୋମାରଙ୍କ ଦ୍ୱାରା ମରିସସ୍‌ଠାରେ ଆୟୋଜିତ ହୋଇଥିବା ମିସେସ ଇଣ୍ଡିଆ ୟୁନିଭର୍ସ ୨୦୧୯ର ଜାତୀୟ ସ୍ତରୀୟ ଗ୍ରାଣ୍ଡ ଫିନାଲେର ପ୍ଲାଟିନମ ବର୍ଗରେ ଓଡ଼ିଆ ମହିଳା ଶ୍ରୀମତୀ ସୋନାଲୀ ରାଜ୍ ମହାନ୍ତି ମିସେସ ଇଣ୍ଡିଆ ୟୁନିଭର୍ସ ୨୦୧୯ ୱାର୍ଲ୍ଡ ଟାଇଟଲ ବିଜୟିନୀ ହୋଇ ମୁକୁଟ ଅର୍ଜନ କରିବାରେ ସଫଳ ହୋଇଛନ୍ତି। ଶ୍ରୀମତୀ ସୋନାଲି ରାଜ୍ ମହାନ୍ତି ଏହି ବର୍ଣ୍ଣାଢ୍ୟ ଗ୍ରାଣ୍ଡ ଫିନାଲେର ଟ୍ୟାଲେଣ୍ଟ ରାଉଣ୍ଡରେ ମିସେସ୍ ଟ୍ୟାଲେଣ୍ଟେଡ଼ ଟାଇଟଲ ମଧ ହାସଲ କରଛନ୍ତି।



ଭୁବନେଶ୍ୱର, ଓଡ଼ିଶାର ଜଣେ ଉଦ୍ୟୋଗପତି ତଥା ସୌନ୍ଦର୍ଯ୍ୟ ବିଶେଷଜ୍ଞ ବା ବିୟୁଟିସିଆନ୍ ଭାବେ ୩୭ ବର୍ଷିୟା ଶ୍ରୀମତୀ ସୋନାଲୀ ରାଜ ମହାନ୍ତି ପିଲାଟି ଦିନରୁ ସର୍ବଦା ବିଭିନ୍ନ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ବେଶ୍ ଆଗ୍ରହୀ ଥିଲେ। କିଟ୍ ବିଶ୍ୱବିଦ୍ୟାଳୟରୁ ଏମ୍‌ବିଏ ପାଠ୍ୟକ୍ରମରେ ସ୍ନାତକୋତ୍ତର କରି ଭୁବନେଶ୍ୱରଠାରେ ଉଭୟ ପୁରୁଷ ଏବଂ ମହିଳାଙ୍କ ନିମନ୍ତେ 'ପ୍ରମେନାଡ୍' ନାମକ ଏକ ବିୟୁଟି ସାଲୋନ ଏବଂ ସ୍ପା ମଧ ଚଲାଉଛନ୍ତି। ଫିଟ୍‌ନେସ୍ ଏବଂ ଫ୍ୟାସନ ପ୍ରତି ଥିବା ତାଙ୍କର ଦୁର୍ବଳତା ତାଙ୍କୁ ସର୍ବଦା ଏହି ଭଳି ପ୍ରତିଷ୍ଠିତ ଜାତୀୟ ସ୍ତରୀୟ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଭାଗ ନେବା ଏବଂ ନିଜକୁ ସର୍ବୋତ୍ତମ ଭାବେ ପ୍ରଦର୍ଶିତ କରିବା ନିମନ୍ତେ ଉତ୍ସାହିତ କରିଆସୁଥିଲା। ମିସେସ୍ ଇଣ୍ଡିଆ ୟୁନିଭର୍ସ ୨୦୧୯ର ଭୁବନେଶ୍ୱର ଅଡିସନ୍‌ରେ ରାଜ୍ୟର ବିଭିନ୍ନ ସହରରୁ ପ୍ରାୟ ୬୦ ଜଣ ମହିଳା ଭାଗ ନେଇଥିଲେ, ସେଥିମଧ୍ୟରୁ ୯ ଜଣଙ୍କୁ ଜାତୀୟସ୍ତରକୁ ଚୟନ କରାଯାଇଥିଲା। ମରିସସ୍‌ଠାରେ ଆୟୋଜିତ ଏହାର ଜାତୀୟସ୍ତର ପ୍ରତିଯୋଗିତାରେ ଭାରତର ବିଭିନ୍ନ ରାଜ୍ୟରୁ ପ୍ରାୟ ୪୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ମିସେସ ଇଣ୍ଡିଆ ୟୁନିଭର୍ସ ଗୋଲ୍ଡ ଏବଂ ମିସେସ ଇଣ୍ଡିଆ ୟୁନିଭର୍ସ ପ୍ଲାଟିନମ ଦୁଇଟି ଶ୍ରେଣୀଭୁକ୍ତ କରାଯାଇଥିଲା। ଗୋଲ୍ଡ ଶ୍ରେଣୀରେ ୨୦-୩୫ ବର୍ଷ ବୟସର ମହିଳାମାନେ ଭାଗ ନେଇଥିବା ବେଳେ ପ୍ଲାଟିନମ ବର୍ଗରେ ୩୫-୫୦ ବର୍ଷ ମହିଳାମାନେ ଭାଗ ନେଇଥିଲେ। ମରିସସ୍‌ରେ ୧୧ ଦିନର ରହଣି ମଧରେ, ପ୍ରତିଯୋଗୀମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ ଏବଂ ବିଭିନ୍ନ ବର୍ଗରେ ଯେପରିକି ପ୍ରତିଭା ବିକାଶ, କ୍ୟାଟ ୱାକ୍, ସୌନ୍ଦର୍ଯ୍ୟ, ଆତ୍ମବିଶ୍ୱାସ, ପ୍ରଶ୍ନୋତ୍ତର ଆଦି ରାଉଣ୍ଡଗୁଡ଼ିକରେ ପ୍ରତିଯୋଗିମାନଙ୍କ ଦକ୍ଷତା ବଲିଉଡ୍ ତଥା ଫ୍ୟାଶନ ଜଗତର ପ୍ରତିଷ୍ଠିତ ବିଚାରକ ମଣ୍ଡଳୀ ବିଚାର କରିଥିଲେ।

ଏହି ଅବିସ୍ମରଣୀୟ ମୁହୂର୍ତ୍ତକୁ ମନେ ପକାଇ, ଶ୍ରୀମତୀ ସୋନାଲି ରାଜ ମହାନ୍ତି କହିଛନ୍ତି ଯେ, 'ମୋର ଦୃଢତା ଏବଂ ପ୍ରତିବଦ୍ଧତା ସର୍ବଦା ମୋର ସଫଳତାର ଏକ ସ୍ତମ୍ଭ ଭାବେ ଛିଡ଼ା ହୋଇଛି। ମୋର ବନ୍ଧୁ ଏବଂ ପରିବାର, ମୋର ସ୍ୱାମୀ ଶ୍ରୀ ନନ୍ଦନ ମହାନ୍ତି ଏବଂ ମୋର ୧୧ ବର୍ଷ ପୁଅ ସବୁବେଳେ ମୋ ସଫଳତା ଓ ସ୍ୱପ୍ନକୁ ପୂରଣ କରିବା ପାଇଁ ଏକ ପ୍ରେରଣା ହୋଇ ରହିଛନ୍ତି। ମୁଁ ଏହା ନିଶ୍ଚିତ କହିବି ଯେ, ଓଡ଼ିଶାର ଝିଅମାନ ଏଭଳି ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଉଚ୍ଚକୋଟୀର ଦକ୍ଷତା ଏବଂ ପ୍ରତିଭା ରହିଛି କାରଣ ୯ ଜଣ ପ୍ରତିଯୋଗୀ କେବଳ ଓଡ଼ିଶାରୁ ଆସିଛନ୍ତି ଏବଂ ଓଡ଼ିଶାରେ ଏଭଳି ପ୍ରତିଭା ରହିଥିବା ଜାଣି ବିଚାରକମାନେ ମଧ ଖୁବ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ମୁଁ ନିଶ୍ଚିତ ଭାବେ କହିବି ଯେ, ବିବାହ ଏବଂ ମାଆ ହେବା କେବେ ବି ଜଣେ ମହିଳାର ପ୍ରଗତିରେ କେବେ ବି ବାଧା ସୃଷ୍ଟି କରେନାହିଁ।

ଶ୍ରୀମତୀ ସୋନାଲୀ ରାଜ ମହାନ୍ତି ୧୦-୧୫ ଦିନ ଧରି ଶ୍ରୀ ଜନ୍ ଅଜୟଙ୍କ ତତ୍ତ୍ୱାବଧାନରେ ଗ୍ରୁମିଂ କ୍ଲାସ କରିଥିଲେ ଏବଂ ମରିସସ ଯିବା ପୂର୍ବରୁ ସେ ସୁନାମଧନ୍ୟା କୋରିଓଗ୍ରାଫର ମନ୍ଦାକିନୀଙ୍କଠାରୁ ଫ୍ରି ଷ୍ଟାଇଲ, କଣ୍ଟେମ୍ପରାରୀ ଭଳି ଡ୍ୟାନ୍ସ ଷ୍ଟାଇଲ ମଧ ଶିଖିଥିଲେ। ମରିସସରେ ପ୍ରସିଦ୍ଧ ବଲିଉଡ଼ ତାରକା ଏବଂ ର୍ୟାମ୍ପ ୱାକ ପ୍ରଶିକ୍ଷକ ଆଲେଜିଆ ରାଉତଙ୍କ ପ୍ରଶିକ୍ଷଣ ପ୍ରତିଯୋଗୀମାନଙ୍କୁ ସେମାନଙ୍କ ପରାକାଷ୍ଠା ପ୍ରଦର୍ଶନ କରାଇବାରେ ସହଯୋଗ କରିଥିଲା। ଶ୍ରୀମତୀ ସୋନାଲୀ ଜଣେ ପ୍ରବିଣା ଓଡ଼ିଶୀ ନୃତ୍ୟଶିଳ୍ପୀ ହେବା ସହିତ ରାନ୍ଧିବା ପାଇଁ ମଧ ଖୁବ୍ ଭଲ ପାଆନ୍ତି। ପ୍ରତିଦିନ ବ୍ୟାୟାମ ଏବଂ ଯୋଗ ତାଙ୍କୁ ସୁସ୍ଥ ଏବଂ ସତେଜ ରଖିବାରେ ସାହାଯ୍ୟ କରିଥାଏ। ଆଗାମୀ ଦିନରେ ସେ ଅନ୍ତର୍ଜାତୀୟ ସ୍ତରରେ ମିସେସ ଇଣ୍ଡିଆ ୟୁନିଭର୍ସରେ ଭାଗ ନେବା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି।




# ମାନବଜୀବନ ଓ ଗୀତା ମହାତ୍ମ୍ୟ


ଗୀତା ଜୟନ୍ତୀ ଉପଲକ୍ଷେ

ମାର୍ଗଶୀର ଶୁକ୍ଳପକ୍ଷ ଅନଙ୍ଗ ତ୍ରୟୋଦଶୀ। କୁହାଯାଉଛି, ଆଜିର ଦିନରେ ମହାଭାରତ ଯୁଦ୍ଧ ଆରମ୍ଭ, ରଣସଜ୍ଜା ଦିବସ। ଦୁଇପକ୍ଷ ପାଣ୍ଡବ ଓ କୌରବଙ୍କ ସୈନ୍ୟସରଣୀ ନଦୀକୂଳରେ ନିଜ ନିଜର ଅସ୍ତ୍ରଶସ୍ତ୍ର ସଜ୍ଜିତ ହୋଇ ରହିଥା'ନ୍ତି। ଏପାଖେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ରଥରେ ନେଇ ଉଭୟ ପକ୍ଷ ସୈନ୍ୟଙ୍କ ମଧ୍ୟଭାଗରେ ରଥ ରଖିଲେ। ଅର୍ଜୁନ କୌରବ ପକ୍ଷର ସୈନ୍ୟମାନଙ୍କ ଭିତରେ ପିତାମହ ଭୀଷ୍ମ, ଦ୍ରୋଣାଚାର୍ଯ୍ୟ ପ୍ରମୁଖଙ୍କୁ ଦେଖି ଯୁଦ୍ଧ କରିବେ ନାହିଁ ବୋଲି ଶ୍ରୀକୃଷ୍ଣଙ୍କୁ କହି ଗାଣ୍ଡିବ ଧନୁକୁ ରଥ ଉପରେ ରଖି ଉଭା ହେଲେ। ଶ୍ରୀକୃଷ୍ଣ ଏଠାରେ ଅର୍ଜୁନଙ୍କୁ ବୁଝାଇବା ଛଳରେ ନିମିତ୍ତ କରି ମାନବସମାଜକୁ ଯାହା ଯାହା କହିଛନ୍ତି, ତାହା ମହାମାନବୀୟ ମୂଲ୍ୟବୋଧ ପ୍ରତି ଅତ୍ୟନ୍ତ ଉପାଦେୟ ଏବଂ ସମଗ୍ର ମାନବଜାତିର କଲ୍ୟାଣ ପାଇଁ ସେ ଯେଉଁ ସାରଗର୍ଭକ ଉପଦେଶମାନ ପ୍ରଦାନ କରିଥିଲେ, ତାହାହିଁ ଗୀତା ରୂପରେ ଅଭିହିତ। ଏହା ଭଗବାନଙ୍କ ଶ୍ରୀମୁଖନିଃସୃତ ବାଣୀ ଗୀତା। ଏହିଦିନଠାରୁ ଗୀତାର ଜନ୍ମ ଏବଂ ଗୀତା ମାଧ୍ୟମରେ ବେଦଶାସ୍ତ୍ରର ଚିରନ୍ତନ ସତ୍ୟକୁ ପ୍ରତିଷ୍ଠା କରିବାକୁ କ୍ଷେତ୍ର ପ୍ରସ୍ତୁତ କରାଇଲେ। ବେଦଶାସ୍ତ୍ର ସମ୍ପର୍କରେ ଅନେକ ଭାଷ୍ୟ ଓ ଟୀକା ଦେଖିବାକୁ ମିଳେ। କିନ୍ତୁ ଗୀତା ହେଉଛି ବେଦଶାସ୍ତ୍ର ସର୍ବଶ୍ରେଷ୍ଠ ଭାଷ୍ୟ। ଭଗବାନ ଶ୍ରୀକୃଷ୍ଣ ଥିଲେ ଯୁଗାଚାର୍ଯ୍ୟ। ଯେଉଁମାନଙ୍କୁ ଯୁଗାଚାର୍ଯ୍ୟ କୁହାଯାଏ, ସେମାନେ ଯୁଗକୁ ଚାହିଁ ଏକ ନୂଆମାର୍ଗ, ଏକ ନୂଆ ଉପାୟ ଲୋକମାନଙ୍କ ପାଇଁ ରଖନ୍ତି। ଏଠାରେ ଭଗବାନ ଶୁଣାଇଛନ୍ତି ପରମ ପବିତ୍ର ଭଗବଦ୍ ଗୀତାଶାସ୍ତ୍ରର ଆଦ୍ୟ ମୁଖବନ୍ଧରେ ଥିବା ଶ୍ରୀ ଶ୍ରୀ ଗୀତା ମହାତ୍ମ୍ୟର ସମସ୍ତ ତଥ୍ୟ ପ୍ରାଚୀନ ସତ୍ୟଯୁଗର କଥା। ସାମାଜିକ ବିଶୃଙ୍ଖଳାର ପ୍ରମୁଖ କାରଣ ହେଉଛି ବୃଥା ଅଭିମାନ ବା ଅଂହଭାବ। ଏହି ଅହଂକାର ଅନର୍ଥର କାରଣ ହୋଇଥାଏ। ବ୍ୟକ୍ତିତ୍ୱର ବିକାଶରେ ଅଭିମାନଶୂନ୍ୟତା, ଦମ୍ଭହୀନତା, ଅହିଂସାଦି ଗୁଣ ସହାୟକ ହୋଇଥାଏ। ଏହା ଗୀତାରେ ୨୦ଟି ସାଧନ ଭାବରେ ଉପଦେଶ ଦିଆଯାଇଛି। ଯଥା: ''ଅମାନିତ୍ୱ ମଦମ୍ଭିତ୍ୱ ମହିଂସା, କ୍ଷାନ୍ତିରାର୍ଜବମ୍-ଆଚାର୍ଯ୍ୟୋପାସନଂ ଶୌଚଂ ସ୍ଥୈର୍ଯ୍ୟମାତ୍ମ ବିନିଗ୍ରହଃ।'' ଅମାନିତ୍ୱ (ନିଜ ପ୍ରଶଂସାର ଗର୍ବହୀନତା), ଦମ୍ଭହୀନତା, ଅହିଂସା (ପରପୀଡ଼ା ବର୍ଜନ), କ୍ଷାନ୍ତି (ସହିଷ୍ଣୁତା), ଆର୍ଜବ (ବାଣୀ ତଥା ମନରେ ସରଳତା), ଆଚାର୍ଯ୍ୟଙ୍କ ଉପାସନା, ଶୌଚ (ବାହାର ତଥା ଭିତରର ଶୂନ୍ୟତା), ଶୌର୍ଯ୍ୟ (ମନରେ ସ୍ଥିରତା), ଆତ୍ମବିନିଗ୍ରହ (ଇନ୍ଦ୍ରିୟ ଓ ମନର ସଂଯମ) ଇତ୍ୟାଦି ଗୁଣ ମନୁଷ୍ୟର ଚିତ୍ତ ଓ ଚରିତ୍ର ବିକାଶ କରେ। ଭଗବାନ କହିଛନ୍ତି, ଇଷ୍ଟ ପ୍ରାପ୍ତିରେ ପ୍ରଫୁଲ୍ଲ ବା ଅନିଷ୍ଟ ପ୍ରାପ୍ତିରେ ବିଷାଦଯୁକ୍ତ ନହୋଇ ଇଷ୍ଟବସ୍ତୁର ପ୍ରାପ୍ତି ଓ ଅପ୍ରାପ୍ତିରେ ସମଚିତ୍ତ ହୋଇ କାର୍ଯ୍ୟ କରିବାରେ ହିଁ ମାନବୀୟ ମୂଲ୍ୟବୋଧ ବିକଶିତ ହୋଇଥାଏ। ଗୀତାର ଏକାଦଶ ଶ୍ଳୋକରେ ଜ୍ଞାନ ଓ ଅଜ୍ଞାନ କହିଲେ କ'ଣ, ଏହା ଭଗବାନ ଅର୍ଜୁନଙ୍କୁ କହିଛନ୍ତି ଯେ ଆତ୍ମବିଷୟକ ଜ୍ଞାନ ବା ଆଧ୍ୟାତ୍ମଜ୍ଞାନରେ ସର୍ବଦା ନିଷ୍ଠା ରଖିଲେ ଭଗବତ୍ ପ୍ରାପ୍ତି ହୁଏ। ଭଗବାନଙ୍କୁ ସର୍ବତ୍ର ଦର୍ଶନ କରିବାରେ ମାନବୀୟ ଜୀବନର ସାର୍ଥକତା ନିହିତ ଥାଏ। ଏହିଭଳି ମହନୀୟ ଉପଦେଶକୁ ଜ୍ଞାନର ସାଧନ କହି, ଏହାର ବିପରୀତ ମାନିତ୍ୱ, ଦାମ୍ଭିତ୍ୱ, ହିଂସା, ଅସହିଷ୍ଣୁତା, କପଟତା ପ୍ରଭୃତିକୁ ଅଜ୍ଞାନ ବୋଲି ଭଗବାନ କହିଛନ୍ତି। ଜ୍ଞାନ ଓ ଅଜ୍ଞାନର ତାରତମ୍ୟକୁ ସଠିକ୍ ଭାବରେ ବୁଝି କାର୍ଯ୍ୟକଲେ ମାନବୀୟ ମୂଲ୍ୟବୋଧ ଚରିତାର୍ଥ ହୋଇଥାଏ ବୋଲି ଗୀତାରେ କୁହାଯାଇଛି। ସେହି ଅଷ୍ଟାଦଶ ଅଧ୍ୟାୟର ସ୍ୱୟଂସମ୍ପୂର୍ଣ୍ଣ ପବିତ୍ର ଗୀତାଶାସ୍ତ୍ରକୁ ନିଶ୍ଚଳ ମାନସରେ ଯେଉଁ ମାନବାତ୍ମା ଯେତେ ଜପ, ପାଠ ତଥା ଅଭ୍ୟାସ କରିପାରିବ, ସେ ମାନବାତ୍ମା ସେତେ ଦିବ୍ୟଜ୍ଞାନରେ ସିଦ୍ଧିଲାଭ କରି ପାପମୁକ୍ତ ହେବ। ଏତଦ୍ଦ୍ୱାରା ମର୍ତ୍ତ୍ୟଲୋକରେ ଧର୍ମର ସ୍ଥାୟୀ ସଂସ୍ଥାପନ ହେବ। ଏହି ଗୀତାଶାସ୍ତ୍ର ସମସ୍ତ କଳିକଲୁଷମାନଙ୍କୁ ମଧ୍ୟ ବିନାଶ କରିଦେବ। ଆଜିର ପବିତ୍ର ଶ୍ରୀ ଶ୍ରୀ ଗୀତାଜୟନ୍ତୀ ଉପଲକ୍ଷେ ଏହାହିଁ ଶ୍ରୀ ଶ୍ରୀ ଭଗବାନଙ୍କ ଶ୍ରୀମୁଖନିଃସୃତ ବାଣୀ ଶ୍ରୀ ଶ୍ରୀ ଗୀତା ମହାତ୍ମ୍ୟରେ ବର୍ଣ୍ଣିତ ଗୀତାଶାସ୍ତ୍ର ଜନ୍ମଜୟନ୍ତୀର ଗୁପ୍ତ ରହସ୍ୟମୟ କଥା। ଗୀତାଶାସ୍ତ୍ର ଜନ୍ମଜୟନ୍ତୀ ଅବସରରେ ଏହାର ପ୍ରାଚୀନ ଏହି ସମସ୍ତ ତଥ୍ୟର ପୁନଃସ୍ମରଣ ତଥା ପୁନଃଚିନ୍ତନ ଆବଶ୍ୟକ ହୋଇପଡ଼ିଛି। ''ଶ୍ରୀ ଶ୍ରୀ ଗୀତା ମହାତ୍ମ୍ୟଙ୍କର ଜୟ''।

**—ବୈକୁଣ୍ଠନାଥ ମହାପାତ୍ର, ନୟାଗଡ଼**

# ଛାତ ଉପରେ ସବୁଜିମାର ସମ୍ଭାବନା ସୃଷ୍ଟି



ଭୁବନେଶ୍ୱର (ପିଏନ୍): ନାନା ପ୍ରଜାତିର ଚାରା ସଂଗ୍ରହ ଚାଲିଛି। ଦିନର ଏକ ବଡ଼ ସମୟ ଚାରାର ଯତ୍ନ ପାଇଁ ବି ନିଆଯାଉଛି। ଶିଶୁ ଭଳି ଯତ୍ନ ପାଇବା ପରେ ଛାତ ଉପରେ ଠିଆ ହେଉଛି ଚାରା। ଏବେ ଏଭଳି ହଜାରେ ପଣସ ଚାରା ବଡ଼ କରିଛନ୍ତି ରାଜଧାନୀର ଜଣାଶୁଣା ସମାଜସେବୀ ସୁଶାନ୍ତ ସାହୁ। ସୁଶାନ୍ତ ରହୁଥିବା ଘରର ଛାତ ଉପରେ ବଡ଼ କରାଇଥିବା ପଣସ ଚାରାକୁ ସହର ଉପକଣ୍ଠର ଆଦିବାସୀ ପଲ୍ଲୀରେ ବାଣ୍ଟିବା ପାଇଁ ଯୋଜନା କରିଛନ୍ତି। ସମ୍ପ୍ରତି ପ୍ରକୃତି ଯେଉଁ ମାତ୍ରାରେ ବିଗିଡ଼ି ଗଲାଣି ତାହା ପରିବେଶବିତ୍, ପରିବେଶପ୍ରେମୀଙ୍କ ଚିନ୍ତାର କାରଣ ପାଲଟି ଯାଇଛି। କେତେବେଳେ ସୁପର ସାଇକ୍ଲୋନ ତ ଆଉ କେତେବେଳେ ହୁଡ୍‌ହୁଡ୍, ତିତ୍‌ଲି, ଫନି, ବୁଲ୍‌ବୁଲ ପରି ସାମୁଦ୍ରିକ ଝଡ଼। ବିଶ୍ୱ ତାପନ ଓ ଜଳବାୟୁ ପରିବର୍ତ୍ତନ କାରଣ ଯୋଗୁଁ ଛଅ ଋତୁ ଆଜି ସାତ ସପନ। ଶ୍ରାବଣରେ ବୈଶାଖୀର ତାତି, ପୌଷ, ମାଘ ମାସରେ ଗରମ ଅନୁଭୂତ ହେଉଛି। ଆଷାଢରେ ମୌସୁମୀ ନିଖୋଜ। ଜଙ୍ଗଲ ଧ୍ୱଂସ କାରଣରୁ ବିଶ୍ୱତାପନ ବଢିଚାଲିଛି। ଭୂତଳ ଜଳ ନିମ୍ନଗାମୀ ହେଉଛି। ମୃତ୍ତିକା କ୍ଷୟ ବଢିବା ସହ ବୃଷ୍ଟିପାତ କମିବାରେ ଲାଗିଛି। ରୋଗ ଆଣୁଛି ପାଣିପାଗ। ଏସବୁକୁ ନିୟନ୍ତ୍ରଣ ପାଇଁ ମାନବ ସମାଜର ବ୍ୟକ୍ତିଗତ ଉଦ୍ୟମ ଶୂନ। ଯଦି ଏବେଠୁ ପ୍ରତ୍ୟେକ ବ୍ୟକ୍ତି ଏ ଦିଗରେ ଚିନ୍ତା ନ କରନ୍ତି, ମାନବ ସମାଜ ସମୂଳେ ଧ୍ୱଂସ ପାଇଯିବ। ପରିବେଶ ପ୍ରତି ଏଭଳି ଭୟାବହତାକୁ ଉପଲବ୍ଧି କରି ସୁଶାନ୍ତ ନିଜ ବ୍ୟକ୍ତିଗତ ଉଦ୍ୟମରେ ମାଟି, ଗୋବରଖତ, ବାଲି, ଚାରା ଜରି, ବିହନ ଏକାଠି କରି ଛାତ ଉପରେ ପ୍ରସ୍ତୁତ କରିଛନ୍ତି ଏକ ହଜାର ପଣସ ଚାରା। ଏ ସମ୍ପର୍କରେ ପଚାରିଲେ ସୁଶାନ୍ତ କୁହନ୍ତି ଜଙ୍ଗଲର ପରିସୀମା ଧୀରେ ଧୀରେ ସଙ୍କୁଚିତ ହେଉଛି। ଖାଦ୍ୟ ଅଭାବ ଯୋଗୁଁ ବନ୍ୟଜନ୍ତୁ ପ୍ରତ୍ୟହ ଜନବସତି ମୁହାଁ ହେବା ସହ ଶେଷରେ ସେମାନଙ୍କର ଅକାଳ ବିୟୋଗ ହେଉଛି। କିଛି ବର୍ଷ ହେଲା ସାମୁଦ୍ରିକ ଝଡ଼ରେ ଲକ୍ଷ ଲକ୍ଷ ଫଳଗଛ ଉଜୁଡ଼ି ଯାଇଛି। ଏହି ପରିପ୍ରେକ୍ଷୀରେ ପକ୍ଷୀ ହୁଅନ୍ତୁ ବା ଜୀବଟିଏ ହେଉ ସେମାନଙ୍କ ପାଇଁ ଖାଦ୍ୟ ନିହାତି ଦରକାର। ନିକଟରେ ଥିବା ଚନ୍ଦକା-ଡମ୍‌ପଡ଼ା ଅଭୟାରଣ୍ୟରେ ଏ ପଣସ ଚାରା ଲଗାଯିବ ବୋଲି ଶ୍ରୀ ସାହୁ କହିଛନ୍ତି। ଶ୍ରୀ ସାହୁଙ୍କ ଏହା ଏକ ଛୋଟିଆ ଉଦ୍ୟମ ହେଲେ ବି ଅନ୍ୟମାନଙ୍କ ପାଇଁ ଏହା ବଡ଼ ଉଦାହରଣ ନୁହେଁ ତ ଆଉ କ'ଣ ହୋଇପାରେ।

# ନୋବେଲ ପୁରସ୍କାରର ଜନକ ଆଲଫ୍ରେଡ୍ ନୋବେଲ



ଆଲ୍‌ଫ୍ରେଡ୍ ନୋବେଲ ୧୮୩୩ ମସିହାରେ ଷ୍ଟକ୍‌ହୋମ ଠାରେ ସ୍ୱିଡିଶ ପରିବାରରେ ଜନ୍ମ ନେଇଥିଲେ। ପିତା ଇମାନୁଏଲ୍ ଥିଲେ ଜଣେ ଇଂଜିନିୟର ତଥା ଉଦ୍ଭାବକ। କିନ୍ତୁ ପିଲାଦିନରୁ ବିସ୍ଫୋରକ ପ୍ରତି ଆଗ୍ରହ ଥିଲା ଆଲ୍‌ଫ୍ରେଡଙ୍କର। ସେ ଏହି ଦିଗରେ ଅଧିକ ଅଧ୍ୟୟନ ପାଇଁ ଉତ୍ସାହୀ ଥିଲେ। ତେବେ ଏ ବିଷୟରେ ପ୍ରାଥମିକ ଜ୍ଞାନ ମିଳିଥିବା ତାଙ୍କ ପିତାଙ୍କଠାରୁ। ଇମାନୁଏଲ୍‌ଙ୍କର ନାନା ପ୍ରକାର ବ୍ୟବସାୟରେ କ୍ଷତି ହେବା ପରେ ସେ ୧୮୩୭ ମସିହାରେ ସେଣ୍ଟ ପିଟର୍ସବର୍ଗକୁ ଚାଲିଯାଇଥିଲେ। ସେଠାରେ ସେ ବିଭିନ୍ନ ଯନ୍ତ୍ରପାତି ଏବଂ ବିସ୍ଫୋରକ ଉତ୍ପାଦନ ଆରମ୍ଭ କଲେ। ଆଧୁନିକ ପ୍ଲାଇଉଡ୍ ମଧ୍ୟ ସେ ପ୍ରସ୍ତୁତ କରିଥିଲେ। ପିଲାଦିନରୁ ବିସ୍ଫୋରକ ଏବଂ ରସାୟନ ପ୍ରତି ଆଗ୍ରହୀ ଥିବା ଆଲ୍‌ଫ୍ରେଡ୍ ୧୮ବର୍ଷ ବୟସରେ ରସାୟନ ବିଜ୍ଞାନରେ ଉଚ୍ଚତର ଅଧ୍ୟୟନ ପାଇଁ ପ୍ରଥମେ ପ୍ୟାରିସ୍ ଏବଂ ପରେ ଆମେରିକାକୁ ଯାଇଥିଲେ। ସେ ଏକାଧିକ ୟୁରୋପୀୟ ଦେଶରେ ଶିକ୍ଷାଲାଭ କରିଥିବାରୁ ପରିଷ୍କାର ଓ ଅନର୍ଗଳ ଭାବରେ ପା ଟି ଭାଷା ବିଶେଷକରି ଇଂରାଜୀ, ଫ୍ରେ , ସ୍ୱିଡିଶ, ରୁଷିଆନ ଓ ଜର୍ମାନ ଭାଷାରେ କହି ଓ ଲେଖିପାରୁଥିଲେ। ସେ ତାଙ୍କ ବାପାଙ୍କ ପ୍ରୋତ୍ସାହନ କାରଣରୁ ବିସ୍ଫୋରକ ଉପରେ କାର୍ଯ୍ୟ ଆରମ୍ଭ କରି ଦେଇଥିଲେ। ବହୁ ପରୀକ୍ଷା ନିରୀକ୍ଷାପରେ ସେ ଏକ ସ୍ୱଶକ୍ତର ବିସ୍ଫୋରକ ପ୍ରସ୍ତୁତ କରିଥିଲେ ଯାହାକୁ ୧୮୬୬ରେ ଡିନାମାଇଟ୍ ରୂପେ ନାମିତ କରାଗଲା। ନୋବେଲଙ୍କ ଉଦ୍ଭାବନ ଖଣି, ପୂର୍ତ୍ତ, କୋଠା ନିର୍ମାଣ, ସୁଡ଼ଙ୍ଗ ଖୋଳା ଇତ୍ୟାଦିରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା। ତାଙ୍କର ଉଦ୍ଭାବନ ଡିନାମାଇଟ୍ ବ୍ୟତୀତ ଅନ୍ୟାନ୍ୟ କ୍ଷେତ୍ରରେ ବିଶେଷକରି ରସାୟନ ବିଦ୍ୟାରେ କୃତ୍ରିମବସ୍ତୁ ଯଥା ରବର ଏବଂ ଚମଡ଼ା ପ୍ରସ୍ତୁତିରେ ସହାୟକ ହୋଇଥିଲା। ତାଙ୍କ ପ୍ରଚେଷ୍ଟାରେ ୫ଟି ମହାଦେଶର ୨୦ଟି ଦେଶରେ ୯୦ଟି ଶିଳ୍ପଶାଳା ଓ ବାଣିଜ୍ୟଗାର ବା ବ୍ୟବସାୟିକ ସଂସ୍ଥା ଖୋଲା ଯାଇଥିଲା। ତାଙ୍କ ବ୍ୟବସାୟିକ ଉଦ୍ୟମ ଏବଂ ଉଦ୍ୟୋଗ ଶେଷରେ ଏକ ବିଶ୍ୱସ୍ତରୀୟ ଶିଳ୍ପରୂପେ ପରିଗଣିତ ହୋଇ ଯାହାକି ତାଙ୍କ ଆୟର ଏକ ମୁଖ୍ୟ ଉତ୍ସ ରୂପେ ପରିଣତ ହେଲା। ସେ ପାଲଟିଗଲେ ବିଶ୍ୱପତି। ଏବେ ସେଇ ଅର୍ଥ ତାଙ୍କ ଇଚ୍ଛାନୁଯାୟୀ ମଣିଷଜାତିର ସେବାରେ ବିନିଯୋଗ ହେଉଛି ବିଶେଷକରି ନୋବେଲ ପୁରସ୍କାର ଆକାରରେ ପ୍ରତିବର୍ଷ ଯାହାକି ମାନବ ସେବା ପାଇଁ ତଥା ସୃଜନପାଇଁ ପ୍ରେରଣାର ଉତ୍ସ ଓ ଶ୍ରମର ମର୍ଯ୍ୟଦା ସ୍ୱରୂପ ଅଟେ। ଏମିତି ଏକ ଉତ୍ସର୍ଗୀକୃତ ଜୀବନ ପାଇଁ ଏକ ଘଟଣା ତାଙ୍କ ଆଖି ଖୋଲିଦେଲା। ବିଶ୍ୱର ସବୁଠାରୁ ସମ୍ମାନଜନକ ପୁରସ୍କାର ନୋବେଲ ପୁରସ୍କାର ସ୍ଥାପନର ଇତିହାସ ମଧ୍ୟ ଖୁବ୍ ସମ୍ବେଦନଶୀଳ। ସମ୍ବାଦପତ୍ରରେ ଶୋକବାର୍ତ୍ତାର କେଇଟି ବାକ୍ୟ ବିଖ୍ୟାତ ରସାୟନ୍‌ବିଦ୍, ଇଞ୍ଜିନିୟର, ଉଦ୍ଭାବକ ତଥା ଉଦ୍ୟୋଗପତି ଆଲଫ୍ରେଡ୍ ନୋବେଲଙ୍କ ହୃଦୟ ଓ ମସ୍ତିଷ୍କ ସବୁକିଛିକୁ ଦୋହଲାଇ ଦେଇଥିଲା। ଘଟଣାଟି ୧୮୮୮ ମସିହାର। ଆଲ୍‌ଫ୍ରେଡ୍‌ଙ୍କ ଭାଇ ଲୁଡଭିଗ୍ କେନ୍‌ସରେ ଥିବା ସମୟରେ ମୃତ୍ୟୁବରଣ କଲେ। ଏକ ଫରାସୀ ଖବରକାଗଜ ଭୁଲବଶତଃ ଲୁଡ୍‌ଭିଗ୍‌ଙ୍କ ବଦଳରେ ଆଲ୍‌ଫ୍ରେଡ୍‌ଙ୍କ ମୃତ୍ୟୁ ଘଟିଛିମାନେ କରି ଖବରକାଗଜରେ ଶୋକ ସମ୍ବାଦଟିଏ ଦେଲେ। ଏହି ଶୋକ ସମ୍ବାଦଟି ପଢ଼ିବା ପରେ ଆଲ୍‌ଫ୍ରେଡ୍ ଚିନ୍ତା କଲେ କ'ଣ ଲୋକମାନେ ମତେ ଏମିତି ଦୃଷ୍ଟିରେ ଦେଖୁଛନ୍ତି? ସେମାନେ ମତେ ଏକ ଦୁଷ୍ଟ ଆତ୍ମା ଭାବରେ ମନେ ରଖିବେ? ଶୋକସମ୍ବାଦର ଶିରୋନାମା ଥିଲା 'ମୃତ୍ୟୁର ସୌଦାଗର ମୃତ'। ଖବରଟିରେ ତାଙ୍କ ଡିନାମାଇଟ୍ ଆବିଷ୍କାରକୁ ତିରସ୍କାର କରାଯାଇଥିଲା। ଲେଖାଯାଇଥିଲା - ଡଃ ଆଲ୍‌ଫ୍ରେଡ୍ ନୋବେଲ ଯେ ଲୋକମାନଙ୍କୁ ହତ୍ୟା କରିବାର ଦ୍ରୁତତମ ଉପାୟ ଖୋଜି ବାହାର କରି ଧନୀ ପାଲଟି ଯାଇଥିଲେ, ଶେଷରେ ମୃତ୍ୟୁବରଣ କରିଛନ୍ତି। ପତ୍ନୀ ଓ ସନ୍ତାନ ନଥିବା ଆଲ୍‌ଫ୍ରେଡ୍ ଖୁବ୍ ଦୁଃଖିତ ହେଲେ ଏଇ ଖବରଟିରେ। ସେ ଏମିତି ଭାବରେ ଲୋକଙ୍କ ସ୍ମୃତିରେ ରହିବେ ଏ ଚିନ୍ତା ତାଙ୍କୁ ଅସ୍ଥିର କରିଦେଲା। ଶେଷରେ ୧୮୯୫ ମସିହା ନଭେମ୍ବର ୨୭ ତାରିଖରେ ପ୍ୟାରିସ୍‌ସ୍ଥିତ ସ୍ୱିଡ଼ିସ୍ ନରୱେ କ୍ଳବ ଠାରେ ସେ ନିଜର ଶେଷ ଇଚ୍ଛାପତ୍ର ଏବଂ ଶପଥପତ୍ରରେ ସ୍ୱାକ୍ଷର କଲେ। ଏହି ଇଚ୍ଛାପତ୍ରରେ ପ୍ରତିବର୍ଷ ନୋବେଲ ପୁରସ୍କାର ପ୍ରଦାନ ପାଇଁ ଉଲ୍ଲେଖ କରାଗଲା। ଏଥିପାଇଁ ନିଜ ସମ୍ପତ୍ତିର ୯୪ ପ୍ରତିଶତ ଅଂଶ ସେ ଦାନ କରିଥିଲେ। ସେତେବେଳେ ଏହି ସମ୍ପତ୍ତିର ମୂଲ୍ୟ ଥିଲା ୩୧୨୨୫୦୦୦ ସ୍ୱିଡ଼ିସ୍ ମୁଦ୍ରା। ନୋବେଲ ୧୦ ଡିସେମ୍ବର ୧୮୯୬ରେ ତାଙ୍କ ନିଜଘର ସାନରେମୋ ଇଟାଲୀରେ ଶେଷ ନିଦ୍ରା ଯାଇଥିଲେ। ପ୍ରତିବର୍ଷ ତାଙ୍କର ଏହି ମୃତ୍ୟୁ ଦିବସରେ ନୋବେଲ ପୁରସ୍କାର ପାଇଁ ମନୋନୀତ ବ୍ୟକ୍ତିବିଶେଷଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ମୃତ୍ୟୁ ପୂର୍ବରୁ ତାଙ୍କ ଇଚ୍ଛାନୁସାରେ ଏ ପୁରସ୍କାର ୧୯୦୧ ଠାରୁ ଦିଆଯାଇଆସୁଛି। ଏଥିପୂର୍ବରୁ ୧୯୬୯ ମସିହାରେ ପ୍ରଥମେ ଅର୍ଥନୀତି ଉପରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ଆମ ଦେଶରୁ ସର୍ବ ପ୍ରଥମେ ସାହିତ୍ୟରେ ଗୀତାଞ୍ଜଳି ପାଇଁ ରବିନ୍ଦ୍ରନାଥ ଠାକୁର ୧୯୧୩ ମସିହାରେ ନୋବେଲ ପୁରସ୍କାର ପାଇଛନ୍ତି। ୧୯୩୯ ମସିହାରେ ଚନ୍ଦ୍ରଶେଖର ଭେଙ୍କଟରମଣ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ପାଇଛନ୍ତି। ଏହା ବ୍ୟତୀତ ଡ.ହରଗୋବିନ୍ଦ ଖୁରାନା (ବିଜ୍ଞାନ), ଅମର୍ତ୍ତ୍ୟସେନ (ଅର୍ଥନୀତି) ଏବଂ ମଦରଟେରେସା (ଶାନ୍ତି) ପାଇଁ ନୋବେଲ ପୁରସ୍କାର ପାଇଛନ୍ତି। ଗତବର୍ଷ ଭାରତର କୈଳାସ ସତ୍ୟାର୍ଥୀ, ପାକିସ୍ତାନର କିଶୋରୀ ମଲାଲା ୟୁସୁଫଜାଇଙ୍କ ସହ ମିଳିତ ଭାବରେ ନୋବେଲ ଶାନ୍ତି ପୁରସ୍କାର ଲାଭ କରିଥିଲେ। ନୋବେଲ ପୁରସ୍କାର ଏକ ସମୟରେ ସ୍ୱିଡ଼େନର ଷ୍ଟକହୋମ ଓ ନରୱେର ଓସ୍‌ଲୋଠାରୁ ସଂପୃକ୍ତ ରାଜପରିବାରମାନଙ୍କର ଉପସ୍ଥିତିରେ ପ୍ରଦାନ ହୋଇଥାଏ।

**ଡଃ. ଅରୁନ୍ଧତୀ ଦେବୀ, ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ : ୯୯୩୭୧୭୨୮୧୦**

# ବିଶିଷ୍ଟ ତବଲା ବାଦକ ସ୍ୱର୍ଗତଃ ରାଧାକାନ୍ତ ନନ୍ଦ



ନୀରବିଲା ସ୍ୱର, ନୀରବି ଗଲା ଯାଦୁକରୀ ହାତ। ଓଡ଼ିଶାର ବିଶିଷ୍ଟ ତବଲା ବାଦକ ତଥା ସଙ୍ଗୀତ ନିର୍ଦ୍ଦେଶକ ରାଧାକାନ୍ତ ନନ୍ଦ ଆମ ଗହଣରେ ଆଉ ନାହାଁନ୍ତି। ୫୮ବର୍ଷ ବୟସରେ ତାଙ୍କ ନିସ୍ତବ୍ଧ ଯାଦୁକରୀ ହାତ ଶେଷରେ ଅଟକି ହିଁ ଗଲା। ସାଧାରଣରେ ସେ 'ହରିବୋଲ ଭାଇ' ନାମରେ ପରିଚିତ ଥିଲେ। ଓଡ଼ିଶାର ନାଟକ, ସିନେମା ସର୍ବୋପରି କ୍ୟାସେଟ ବା ସିଡି ପ୍ରସ୍ତୁତରେ ତାଙ୍କର ଅବଦାନ ସ୍ମରଣୀୟ ହୋଇ ରହିବ। ଓଡ଼ିଶାର ପ୍ରମୁଖ ତବଲା ଓ ପ୍ରଖଉଜ ବାଦକ ମାନଙ୍କ ମଧ୍ୟରେ ସେ ଥିଲେ ଅନନ୍ୟ ପ୍ରତିଭା। ନିକଟରେ ତାଙ୍କୁ ରାଜ୍ୟ ସରକାର ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାର ମିଳିଥିଲା। ଗତ କିଛି ବର୍ଷ ହେବ ସେ ଯକୃତ କର୍କଟରେ ଆକ୍ରାନ୍ତ ହୋଇ ଚିକିତ୍ସିତ ମଧ୍ୟ ହେଉଥିଲେ। ଜଣେ ଜଗନ୍ନାଥପ୍ରେମୀ ଭାବେ ସେ ପରିଚିତ। ବହୁ ଚଳଚ୍ଚିତ୍ର ସଙ୍ଗୀ, ଭଜନ, ଆଲବମ୍ ଓ ସଙ୍ଗୀତ କାର୍ଯ୍ୟକ୍ରମରେ ପ୍ରତିଷ୍ଠିତ ଶିଳ୍ପୀ ମାନଙ୍କ ସହ ତବଲା ସଙ୍ଗତ କରି ଜଣେ ଉଚ୍ଚକୋଟୀର ବାଦ୍ୟଶିଳ୍ପୀ ତଥା ତବଲା ଗୁରୁ ଭାବେ ସେ ଯେଉଁ ପ୍ରସିଦ୍ଧି ଓ ଖ୍ୟାତି ହାସଲ କରିପାରିଥିଲେ ତାହା କ୍ୱଚିତ ଭାଗ୍ୟବାନଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଥାଏ। କଟକ ଅଲିଶା ବଜାରସ୍ଥିତ ମଙ୍ଗଳା ସାହି ଠାରେ ୧୯୬୧ ମସିହା ମେ ୧୩ ତାରିଖରେ ସେ ଜନ୍ମ ଗ୍ରହଣ କରିଥିଲେ। ପ୍ରାଚୀନ କଳାକେନ୍ଦ୍ର ଚଣ୍ଡୀଗଡ଼ରୁ ତବଲା ବାଦନରେ ବିଶାରଦ ହୋଇ ଜଣେ ସଫଳ ତବଲା ଶିଳ୍ପୀ ଓ ଗୁରୁ ଭାବେ ସମଗ୍ର ଓଡ଼ିଶାରେ ବିରଳ କୃତୀତ୍ୱ ହାସଲ କରିଥିଲେ। ଏଠାରେ ପାଠକଙ୍କୁ ସୂଚୀତ କରୁଛି କି ଯେ, ପ୍ରସିଦ୍ଧ ବାଦ୍ୟଗୁରୁ ପଣ୍ଡିତ ଗୋପୀନାଥ ବେହେରାଙ୍କ ଜଣେ ପ୍ରମୁଖ ଓ ଆଜ୍ଞାଧୀନ ଶିଷ୍ୟ ଭାବେ ନିଜ ବାଦ୍ୟ ପରିବେଷଣ ଚାତୁରୀରେ ଶ୍ରୋତାଙ୍କୁ ସେ ବାନ୍ଧି ରଖିପାରୁଥିଲେ। କେବଳ ସେତିକି ନୁହେଁ ଦୂରଦର୍ଶନ ଓ ଅଲଇଣ୍ଡିଆ ରେଡ଼ିଓର ଲଘୁଶାସ୍ତ୍ରୀ ତବଲା ପରିବେଷଣରେ ଜଣେ ସ୍ୱୀକୃତି ଓ ସ୍ୱରସଂଯୋଜକ ଭାବେ ବେଶ ସଫଳତା ସାଉଁଟି ପାରିଥିଲେ। ଅନେକ ବିଖ୍ୟାତ କଣ୍ଠଶିଳ୍ପୀ ଓ ନାମଜାଦା ନୃତ୍ୟଶିଳ୍ପୀ ପାଇଁ ତବଲା ବାଦନ କରି ସେମାନଙ୍କୁ ମଧ୍ୟ ସଫଳତାର ରାସ୍ତା ଦେଖାଇପାରିଥିଲେ। ଅନେକ ଜଣାଶୁଣା ଭଜନ ଓ ଗୀତରେ ତବଲା ବାଦନ କରି ସେ ଶ୍ରୋତାଙ୍କ ହୃଦୟ ଜିଣି ଲୋକପ୍ରିୟ ହୋଇପାରିଥିଲେ। ସେ ଭାରତ ପ୍ରସିଦ୍ଧ ନାମଜାଦା ମ୍ୟୁଜିକ କମ୍ପାନୀ ଟି-ସିରିଜ, ଏଚ୍‌ଏମ୍‌ଭି, ସମ୍ରାଟ, ଗାଥାନୀ, ଜେଇ ଓ ସାର୍ଥକ ଆଦି ଆଗଧାଡ଼ିର ନାମୀଦାମି କମ୍ପାନୀ ମାନଙ୍କର ଶହେରୁ ଉର୍ଦ୍ଧ୍ୱ ଆଲବମ୍‌ରେ ସଂଗୀତ ନିର୍ଦ୍ଦେଶନା ଦେବା ସହ ଓଡ଼ିଆ ଚଳଚ୍ଚିତ୍ରରେ ମଧ୍ୟ ସେ ସ୍ୱର ସଂଯୋଜନା କରି ବିପୁଳ ଆଦୃତି ପାଇଥିଲେ। ଅନେକ ହୁଏତ ଜାଣିନଥିବେ ସେ ଅନେକ ଓଡ଼ିଆ କ୍ୟାସେଟରେ ମଧ୍ୟ ସଙ୍ଗୀତ ନିର୍ଦ୍ଦେଶକ ଭାବେ ସଫଳତାର ସହ ସେ ଦାୟିତ୍ୱ ନିର୍ବାହ କରିଥିଲେ। ରାକେଶ ମହାନ୍ତିଙ୍କ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'ଦାଦାଗିରି'ରେ ମଧ୍ୟ ମୁବାରକ-ହରି ନାଁରେ ସଙ୍ଗୀତ ନିର୍ଦ୍ଦେଶନା ଦେଇ ରାତାରାତି ସଫଳତାର ଶୀର୍ଷରେ ପହ ୍ ପାରିଥିଲେ। ସେ ଦୀର୍ଘ ତିନି ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଓଡ଼ିଆ ସଙ୍ଗୀତ ଜଗତରେ ସକ୍ରିୟ ଥିଲେ। ଓଡ଼ିଶାରେ ହୃଦୟସ୍ପର୍ଶୀ ଭଜନ ଗାନ କରି କୋଟି କୋଟି ଓଡ଼ିଆଙ୍କ ହୃଦୟରେ ଚିରକାଳ ପାଇଁ ସ୍ମରଣୀୟ ହୋଇଥିବା ଭଜନ ସମ୍ରାଟ ଭିକାରୀ ବଳ, ସୁବାଷ ଦାସ, ଅରବିନ୍ଦ ମୁଦୁଲି, ମନମ୍ମଥ ମିଶ୍ର ଓ ଶାନ୍ତିଲତା ଛୋଟରାୟଙ୍କ ଭଳି ଖ୍ୟାତିସମ୍ପନ୍ନ ଭଜନ ଗାୟକ ଓ ବହୁତ ନୃତ୍ୟଶିଳ୍ପୀ ମାନଙ୍କ ପାଇଁ ସେ ତବଲା ବାଦନ କରିଥିଲେ। ତାଙ୍କର ଏକ ପ୍ରମୁଖ ଗୁଣ ଥିଲା ବନ୍ଧୁବତ୍ସଳତା ଓ ବର୍ତ୍ତମାନ ସମୟରେ ତବଲାକୁ ଜୀବନ ଜୀବିକା କରିବାକୁ ଆଗେଇ ଆସୁଥିବା ଯୁବପିଢ଼ୀ ମାନଙ୍କ ପାଇଁ ତାଙ୍କ ନିଃସ୍ୱାର୍ଥପର ଶିକ୍ଷା ଓ ଭଲପାଇବା। ସୁଧୀ ଓଡ଼ିଆ ପାଠକ ଓ ସଙ୍ଗୀତ ପ୍ରେମୀ ମାନଙ୍କୁ ସୂଚୀତ କରୁଛୁ କି ଯେ ସ୍ୱର୍ଗତଃ ନନ୍ଦ ହେଉଛନ୍ତି ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଶିକ୍ଷାବିତ ଲୋକନାଥ ନନ୍ଦଙ୍କ ପୁତ୍ର। 'ଗୋପ ନଗରୀରୁ ଚିଠି ଆସିଛି....', 'ବାସୁଛି ତୁଳସୀ ତୁଳସୀ...', 'ଲଳିତା ଲବଙ୍ଗଲତା...', 'ଶହେ ଆଠ ପଦ୍ମଫୁଲ ଆଣିଛି....', 'ମଙ୍ଗଳ ଆଳତୀ ମଙ୍ଗଳ ପ୍ରଭାତେ...' ଭଳି ଲୋକପ୍ରିୟ ଓ ହୃଦୟସ୍ପର୍ଶୀ ଭଜନରେ ସଙ୍ଗୀତ ନିର୍ଦ୍ଦେଶନା ଦେଇ ସେ ଶ୍ରୋତା ମହଲରେ ବେଶ ଲୋକପ୍ରିୟତା ସାଉଁଟି ପାରିଥିଲେ। ବେତାର ଓ ଦୂରଦର୍ଶନରେ ଏ ଗ୍ରେଡ୍‌ଶିଳ୍ପୀ ମାନ୍ୟତା ପାଇଥିବା ସ୍ୱର୍ଗତଃ ନନ୍ଦ ସମ୍ମାନଜନକ ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାର ସମେତ ଅନେକ ସମ୍ମାନ ଓ ସ୍ୱୀକୃତି ସେ ପାଇପାରିଥିଲେ ମଧ୍ୟ ତାଙ୍କ ମନରେ ତିଳେମାତ୍ର ଅହଂ ଭାବ ନଥିଲା। ବର୍ତ୍ତମାନର ସମୟରେ ତବଲା ବାଦକକୁ ଇଛା କରୁଥିବା ଯୁବପିଢ଼ୀ ମାନଙ୍କୁ ସେ ଅତ୍ୟନ୍ତ ଆଗ୍ରହ ଓ ଶ୍ରଦ୍ଧାର ସହିତ ତବଲାର କଳାକୌଶଳ ଶିକ୍ଷା ଦେଉଥିଲେ। ଜଣେ ବନ୍ଧୁପ୍ରେମୀ ଭାବେ ସେ ଅନେକ ସତୀର୍ଥ ମାନଙ୍କୁ ପାଇପାରିଥିଲେ ଯେଉଁମାନେ କି ଆଜିର ସମୟରେ ପ୍ରତିଷ୍ଠିତ। ଶ୍ରୀମନ୍ଦିର ରୋଷଘରୁ ନିଆଁ ଆସି ତାଙ୍କ ଯୁଇରେ ଅଗ୍ନିସଂଯୋଗ କରିଥିଲେ ବଡ଼ପୁଅ ବିଭୁ ପ୍ରସାଦ। ପୁରୀର ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର ହୋଇ ଏ ଦେହ ପୋଡ଼ିଯାଇଛି ସତ କିନ୍ତୁ ବର୍ଷ ବର୍ଷ ଧରି ଓଡ଼ିଶା ସଙ୍ଗୀତରେ ତାଙ୍କ ତବଲା ବାଦନର କୌଶଳ ଅପୂରଣୀୟ ହୋଇ ରହିବ ଆଗାମୀ ସମୟ ପାଇଁ। ମହାପ୍ରଭୁ ଶ୍ରୀ ଜଗନ୍ନାଥ ତାଙ୍କ ଅମର ଆତ୍ମାକୁ ସଦ୍‌ଗତି ଦେବା ସହ ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଧୈର୍ଯ୍ୟ ଓ ଶକ୍ତି ପ୍ରଦାନ କରୁଥାନ୍ତୁ ଏହା ହିଁ ମୋର ପ୍ରାର୍ଥନା।

**ନାଟ୍ୟ ସାରଥି ଅଭୟ କୁମାର ଦାସ, ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭**

# ସଚେତନ ନାଗରିକ ମଂଚ ତରଫରୁ ଦାବୀ

ବାରିପଦା (ପିଏନ୍)- ମୟୁରଭଂଜ ଜିଲ୍ଲା ଏକ ଆଦିବାସୀ ବହୁଳ ଅନୁନ୍ନତ ଜିଲ୍ଲା । ଶିକ୍ଷା ଓ ଗମନାଗମନ ଦୃଷ୍ଟିରୁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ଚିର ଅବହେଳିତ । ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ ମୟୁରଭଂଜ ଜିଲ୍ଲାରେ ସ୍ଥାପିତ ହୋଇଛି । ଗତ ବର୍ଷ ରାଜ୍ୟ ସରକାର କେତେକ ସେଲଫ୍ ଫାଇନାନସିଂ ବିଭାଗକୁ ନିୟମିତ ବିଭାଗ କରିବାକୁ ନିର୍ଦ୍ଦେଶ ଦେଲେ, କିନ୍ତୁ ଦୁଃଖର କଥା ଅଧ୍ୟାପକ, ପ୍ରାଧ୍ୟାପକ ଓ ପ୍ରଫେସରମାନଙ୍କୁ ତୁରନ୍ତ ନିଯୁକ୍ତି ଦେବା ନିମନ୍ତେ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶ ଦେଉନାହାନ୍ତି । ଯାହା ଫଳରେ ସେହି ସେଲଫ୍ ଫାଇନାନସିଂ ବିଭାଗଗୁଡିକ ନିୟମିତ ବିଭାଗ ହୋଇପାରୁନାହିଁ । ସେଲଫ୍ ଫାଇନାନସିଂ ମୋଡରେ ବିଭିନ୍ନ ମହାବିଦ୍ୟାଳୟ ବିଭିନ୍ନ ବିଭାଗରେ ନୂଆ ସମ୍ମାନ ଶ୍ରେଣୀ ଖୋଲିବାକୁ ଆବେଦନ କରିଛନ୍ତି । କିନ୍ତୁ ଶୁଣିବାକୁ ମିଳୁଛି ସବୁ ସିଟ୍ ପୂରଣ ହୋଇ ନ ଥିବାରୁ ସଂପୃକ୍ତ ମହାବିଦ୍ୟାଳୟ ମାନଙ୍କରେ ନୂତନ ଅନର୍ସ ଖୋଲିବାକୁ ତଦନ୍ତକାରୀ ଅଫିସରମାନେ ସୁପାରିଶ କରିବେ ନାହିଁ । ମହାବିଦ୍ୟାଳୟମାନଙ୍କରେ ଯେଉଁ ଅନର୍ସ ଅଛି ସେହି ଅନର୍ସରେ ପିଲା ହେଉ ନ ଥିବାରୁ ଚାହିଦା ଥିବା ନୂତନ ଅନର୍ସ ମହାବିଦ୍ୟାଳୟମାନେ ଖୋଲିବା ପାଇଁ ଆବେଦନ କରିଛନ୍ତି । ସେହିପରି ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନରେ କେତେକ ପୁରୁଣା ମହାବିଦ୍ୟାଳୟ ସେଲଫ୍ ଫାଇନାନସିଂ ଜରିଆରେ ନୂତନ ପି.ଜି. ଶ୍ରେଣୀ ଖୋଲିବାକୁ ଆବେଦନ କରିଛନ୍ତି, ଯାହା ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ବିଚାର କରି ଅନୁମତି ଦେବାକୁ ଦାବୀ ହେଉଛି । ମୟୁରଭଂଜ ଏବଂ କେନ୍ଦୁଝର ଜିଲ୍ଲାରେ ଥିବା ମହାବିଦ୍ୟାଳୟମାନଙ୍କରେ ନୂତନ ଅନର୍ସ ଖୋଲିବା ସହିତ ପି.ଜି. ଶ୍ରେଣୀ ଖୋଲିଲେ, ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ସଂଖ୍ୟା ବଢିବ ଏବଂ ବିଶ୍ୱବିଦ୍ୟାଳୟର ମାନ ଏବଂ ସମ୍ମାନ ମଧ୍ୟ ବଢିବ । ଆଦିବାସୀ ଅଧ୍ୟୁଷିତ ମୟୁରଭଂଜ ଜିଲ୍ଲାର ଛାତ୍ରଛାତ୍ରୀମାନେ ଜିଲ୍ଲା ମଧ୍ୟରେ ଥିବା ଶିକ୍ଷାନୁଷ୍ଠାନରେ ପାଠ ପଢିବାର ସୁଯୋଗ ପାଇବେ । ରାଜ୍ୟ ସରକାର ମୟୁରଭଂଜ ଜିଲ୍ଲାକୁ ଗୁରୁତ୍ୱ ନ ଦେଇ ଭୁବନେଶ୍ୱରରେ ଗୋଟିଏ ପରେ ଗୋଟିଏ ବେସରକାରୀ ବିଶ୍ୱବିଦ୍ୟାଳୟକୁ ଅନୁମତି ଦେବା କେତେଦୂର ଯୁକ୍ତିଯୁକ୍ତ ବୋଲି ସାଧାରଣରେ ଆଲୋଚନା ହେଉଛି । ମୟୁରଭଂଜ ଓ କେନ୍ଦୁଝର ଜିଲ୍ଲାର ଯେଉଁ ମହାବିଦ୍ୟାଳୟମାନେ ନୂତନ ସମ୍ମାନ ଶ୍ରେଣୀ ଏବଂ ନୂତନ ପି.ଜି. ଶ୍ରେଣୀ ଖୋଲିବାକୁ ଆବେଦନ କରିଛନ୍ତି, ସେହି ଶିକ୍ଷାନୁଷ୍ଠାନଗୁଡିକୁ ଅନୁମତି ପ୍ରଦାନ କରାଯିବା ସହିତ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନରେ ଯେଉଁ ନୂତନ ବିଭାଗ ଖୋଲିବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି, ସେହି ବିଭାଗରେ ତୁରନ୍ତ ଅଧ୍ୟାପକ ନିଯୁକ୍ତି କରିବାକୁ ସଚେତନ ନାଗରିକ ମଂଚ ସଭାପତି ତଥା ବାରିପଦାର ପୂର୍ବତନ ବିଧାୟକ କିଶୋର ଦାଶ ଦାବୀ କରିଛନ୍ତି । ତେଣୁ ରାଜ୍ୟ ଉଚ୍ଚ ଶିକ୍ଷା ମନ୍ତ୍ରୀ, ଉଚ୍ଚ ଶିକ୍ଷା ବିଭାଗ ଶାସନ ସଚିବ, ଆଂଚଳିକ ଶିକ୍ଷା ନିର୍ଦ୍ଦେଶକ ଏବଂ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ କୁଳପତି ଏଥିପ୍ରତି ଦୃଷ୍ଟି ଦେବାକୁ ପୂର୍ବତନ ବିଧାୟକ ତଥା ପୂର୍ବତନ ସିନେଟ ମେମ୍ବର କିଶୋର ଦାଶ ଓ ଅନ୍ୟାନ୍ୟ ପୂର୍ବତନ ସିନେଟ ଏବଂ ସିଣ୍ଡିକେଟ ସଦସ୍ୟମାନେ ଦାବୀ କରିଛନ୍ତି ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ମୋ ସହର




ନ୍ୟାସନାଲ ଆଣ୍ଟିଡୋପିଙ୍ଗ୍ ଏଜେନ୍ସିର ବ୍ରାଣ୍ଡ ଆମ୍ବାସାଡର ଭାବେ ଅଭିନେତା ସୁନୀଲ ସେଟ୍ଟୀଙ୍କୁ ନିଯୁକ୍ତ ପତ୍ର ପ୍ରଦାନ କରୁଛନ୍ତି କିରନ ରିଜିଜୁ

## ଜାତି-ଜାତକ-ଯୌତୁକଶୂନ୍ୟ ପ୍ରେମବିବାହକାରୀ ସଂସ୍ଥା "ଆମୋଫୋଇ"ର ୩୯ତମ ବାର୍ଷିକ ଉତ୍ସବ ପାଳିତ




ଭୁବନେଶ୍ୱର (ପିଏନ): ଜାତି-ଜାତକ-ଯୌତୁକଶୂନ୍ୟ-ପ୍ରେମବିବାହ ଆନ୍ଦୋଳନକାରୀ ସଂସ୍ଥା "ଆମୋଫୋଇ"ର ୩୯ତମ ବାର୍ଷିକ ଉତ୍ସବ ସ୍ଥାନୀୟ ରେଡ଼କ୍ରସ ଭବନରେ ୭୨ତମ ମାନବଅଧିକାର ଦିବସରେ ପାଳିତ ହୋଇଯାଇଛି । "ଆମୋଫୋଇ" ସଭାପତି ମିଃ ମାନସ ଜେନାଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ରାଜନୈତିକ ବିଶ୍ଳେଷକ ମିଃ ପଞ୍ଚାନନ କାନୁନ୍‌ଗୋ । ସଭା କାର୍ଯ୍ୟ ପ୍ରାରମ୍ଭରେ "ଆମୋଫୋଇ" ସଂସ୍ଥା ପକ୍ଷରୁ ପ୍ରକାଶିତ ଲିଖିତ ଇଂରାଜୀ ପୁସ୍ତକ "ପ୍ରିଷ୍ଟ୍‌ଲେସ୍ ଲଭ୍ ମ୍ୟାରେଜ୍ ବାଇ 'ଆମୋଫୋଇ' ଓ ହିନ୍ଦୁ ମ୍ୟାରେଜ୍ ଆକ୍ଟ ଅଫ୍ ୧୯୫୫ ଆର୍ ପୋଲସ୍ ଆପର୍ଟ" ଉନ୍ମୋଚିତ ହୋଇଥିଲା ।

ବାର୍ଷିକ ବିବରଣୀ ପାଠ କରିବାକୁ ଯାଇ ସଂସ୍ଥାର ପ୍ରତିଷ୍ଠାତା-ସଂପାଦକ ବି.ରାମଚନ୍ଦ୍ର ସିଏସ୍‌ଟି ଭୋଲଟେୟାର ଦର୍ଶାଇଥିଲେ ଯେ "ଆମୋଫୋଇ" ଦ୍ୱାରା ଗତ ବର୍ଷକ ମଧ୍ୟରେ ଅନୁଷ୍ଠିତ ୫୭୩ଟି ଅଣପାରମ୍ପରିକ ବିବାହ ମଧ୍ୟରୁ ମେ ମାସ ପହିଲାରେ ହୋଇଥିବା ମୟୂରଭଂଜ ଜିଲ୍ଲା ଝରପୋଖାରୀଆ ଥାନା ଅନ୍ତର୍ଗତ ସରସକଣା ଗ୍ରାମର ଓବିସି ତେଲି ଜାତିର ଯୁବକ ପ୍ରଭୁ ପ୍ରସାଦ ସାହୁ ଓ ନିଜ ଗ୍ରାମର ବ୍ରାହ୍ମଣ ଘରର ଯୁବତୀ ଏଲିମା କରଙ୍କ ସହିତ ପ୍ରେମ ବିବାହ କରିଥିବାରୁ ତାଙ୍କୁ ନାହିଁ ନଥିବା ଦୁଃଖକଷ୍ଟ ଭୋଗିବାକୁ ପଡ଼ିଛି । ବିବାହଟି କାହିଁକି ହିନ୍ଦୁ ମ୍ୟାରେଜ୍ ଆକ୍ଟ ଅନୁଯାୟୀ ହୋଇ ନାହିଁ ବୋଲି ବାରିପଦା ଫାମିଲି କୋର୍ଟରେ ଏଲିମା କରଙ୍କ ପିତା ଅମରେନ୍ଦ୍ର କର ମାମଲା ଯୁବକ ପ୍ରଭୁ ପ୍ରସାଦ ସାହୁ ଏବଂ ଆମୋଫୋଇ ସଂସ୍ଥା ବିରୁଦ୍ଧରେ ରୁଜୁ କରିଛନ୍ତି । ଏପଟେ ଏହି କଥାକୁ ଭିତ୍ତି କରି ଭୁବନେଶ୍ୱର ଆଡ଼ିସ୍‌ନାଲ୍ ରେଜିଷ୍ଟ୍ରାର ଅଫ୍ ସୋସାଇଟିଜ୍ "ଆମୋଫୋଇ" ଉପରେ ଏକ ସୋ-କଜ୍ ନୋଟିସ୍ ଜାରି କରିଛନ୍ତି । ସମାନ ଅଜବ ଅଭିଯୋଗ "ଆମୋଫୋଇ" ବିରୁଦ୍ଧରେ ରାଜ୍ୟ ସରକାରଙ୍କ ଓକିଲ ସୁପ୍ରିମ୍ କୋର୍ଟରେ ଦାଏର କରିଛନ୍ତି । ରାଜ୍ୟ ସରକାରଙ୍କ ଏପରି କାର୍ଯ୍ୟକଳାପ ଉପରେ କ୍ଷୋଭ ପ୍ରକାଶ କରି ଭୋଲଟେୟାର ଦର୍ଶାଇଥିଲେ ଯେ ଜାତି-ଜାତକ- ଯୌତୁକବିହୀନ ଅଣପାରମ୍ପରିକ ପ୍ରେମବିବାହ ବିନା ଜାତିପ୍ରଥାର ବିଲୋପନ ଅସମ୍ଭବ ।

ଉତ୍ସବର ମୁଖ୍ୟ ଅତିଥି ପଞ୍ଚାନନ କାନୁଗୋ ଆମୋଫୋଇ ଆନ୍ଦୋଳନର ଭୂୟସି ପ୍ରଶଂସା କରିବା ସହିତ "ବିଶ୍ୱ ମାନବିକ ଅଧିକାର ଦିବସ"ର ମହତ୍ତ୍ୱ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ମୁଖ୍ୟ ବକ୍ତା ରାଜନୀତି ବିଜ୍ଞାନୀ ଡ଼ଃ କୃଷ୍ଣପ୍ରସାଦ ପାଢ଼ୀ କହିଥିଲେ ଯେ, ଭୋଟବ୍ୟାଙ୍କ ରାଜନୀତି ହେତୁ ଦେଶରୁ ଜାତିପ୍ରଥା ଓ ତତ୍‌ଜନୀତ ଭେଦଭାବ ପୂର୍ବବତ୍ ବଳବତ୍ତର ରହିଛି । ଏହି ଉତ୍ସବରେ ଅନ୍ୟ ଯେଉଁମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ ସେମାନେ ହେଲେ : ବିଏସ୍‌ପି ନେତା ମଧୁସୂଦନ ଯାଦବ, ଫ୍ରିଥଟ୍ ପାର୍ଟି ଅଫ୍ ଇଣ୍ଡିଆର ଉପସଭାପତି ମିଃ ହରିଶ୍ ଚନ୍ଦ୍ର କର, ଲେଖିକା ଡ.ଃ ନିର୍ମଳା କୁମାରୀ ମହାପାତ୍ର, ପ୍ରଗତିଶୀଳ କବି ଡ଼ଃ ବନମାଳୀ ବାରିକ୍, ରାଜନୀତି ବିଶାରଦ ପ୍ରଫେସର ବିଜୟ ବହିଦାର, ଆମୋଫୋଇ କୋ-ଫାଉଣ୍ଡର ଶ୍ରୀମତୀ ସ୍ୱପ୍ନା ବିଜୟିନୀ ।

## କ୍ଷୁଦ୍ର ଶସ୍ୟ ପ୍ରକ୍ରିୟାକରଣ କେନ୍ଦ୍ର ଉଦଘାଟିତ

ଜୟପୁର, (ପିଏନ)- ଜୟପୁର ଏମଏସ ସ୍ୱାମିନାଥନ ଗବେଷଣା ପ୍ରତିଷ୍ଠାନ ତରଫରୁ କୋରାପୁଟ ଜିଲା ଉମୁରି ପଂଚାୟତ ଅନ୍ତର୍ଗତ ମାଛରା ଗ୍ରାମରେ କ୍ଷୁଦ୍ର ଶସ୍ୟ ପ୍ରକ୍ରିୟାକରଣ କେନ୍ଦ୍ର କେନ୍ଦ୍ରୀୟ ବିହନ ପାଣ୍ଠିରୁ ଉଦଘାଟିତ ହୋଇଛି । ଏମଏସ ସ୍ୱାମୀନାଥନ ଗବେଷଣା କେନ୍ଦ୍ର ଚେନ୍ନାଇର କାର୍ଯ୍ୟନିର୍ବାହି ନିର୍ଦ୍ଦେଶକ ଏନ ଏନିଲ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କେନ୍ଦ୍ରର ଉଦଘାଟନ କରିଥିଲେ । ଉକ୍ତ ଅଂଚଳରେ ଉତ୍ପାଦନ ହେଉଥିବା କ୍ଷୁଦ୍ର ଶସ୍ୟ ତଥା କାଙ୍ଗୁ, ସୁଆଁ ଓ ମାଣ୍ଡିଆ ଭଳି ଶସ୍ୟର ପ୍ରକ୍ରିୟାକରଣ କରି ଆଦିବାସୀ ଚାଷି ଓ ଏହି ଅଂଚଳର ଲୋକମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଗାଇଦେବା ସହିତ ବଜାରଭିତିକ କୃଷି ଓ ଖାଦ୍ୟ ବ୍ୟବସ୍ଥାର ଶୋଷଣରୁ ଚାଷିଙ୍କୁ ମୁକ୍ତ କରାଯାଇ ପାରିବ । ସେହିଭଳି ଏହି ଅଂଚଳର ମାଣ୍ଡିଆ ଜାତିୟ ଶସ୍ୟର ପୁନଃଉଦ୍ଧାର କରିବା ପାଇଁ ଓଡିଶା ସରକାରଙ୍କ କୃଷି ବିଭାଗ ଓ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନର ମିଳିତ ଉଦ୍ୟମରେ ଚାଲିଥିବା ବୈଜ୍ଞବିକ ବିହନ ଉତ୍ପାଦାନ କାର୍ଯ୍ୟକ୍ରମ ମାଧ୍ୟମରେ ଗଠନ କରାଯାଉଥିବା ଚାଷି ମାନଙ୍କ କୋଲାବ ଫାରମର୍ସ ପ୍ରଡ୍ୟୁସର କମ୍ପାନିକୁ କାର୍ଯ୍ୟନିର୍ବାହି ଓ ନିର୍ଦ୍ଦେଶକ, କମ୍ପାନିର ନିର୍ଦ୍ଦେଶକମାନଙ୍କୁ ପଞ୍ଜିକରଣ ପ୍ରମାଣ ପତ୍ର ପ୍ରଦାନ କରି ଉଦଘାଟନ କରିଥିଲ । କୋଲାବ ଫାରମର୍ସ ପ୍ରଡ୍ୟୁସର କମ୍ପାନି ମାଧ୍ୟମରେ ଉତ୍ପାଦିତ ଶସ୍ୟ ଓ ବିହନକୁ ବିକ୍ରି କରି ଚାଷି ମାନଙ୍କ ଜୀବନ ଜୀବିକାରେ ଉନ୍ନତି ଅଣାଯାଇପାରିବ ବୋଲି ଅନିଲ କୁମାର କହିଥିଲେ । ଅନ୍ୟପକ୍ଷରେ ବିଜୁ ପଟ୍ଟନାୟକ କୃଷି ଜୈବ ବିବିଧତା କେନ୍ଦ୍ର ଜୟପୁର ଠାରେ ଏକ କେନ୍ଦ୍ରୀୟ ବିହନ ପାଣ୍ଠିକୁ କାର୍ଯ୍ୟନିର୍ବାହି ନିର୍ଦ୍ଦେଶକ ଅନିଲ କୁମାର ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସହାୟକ ନିର୍ଦ୍ଦେଶକ ରୋସନ କାର୍ତିକ, ଅରମାସର ବରିଷ୍ଠ ବୈଜ୍ଞାନିକ ଇସରାଲ ଅଲିଭର କିଙ୍ଗ ଓ ଏମଏସଏସଏଫ ଜୟପୁରର ନିର୍ଦ୍ଦେଶକ କ୍ରିଷ୍ଟ କୁମାର ନାବାଲି ଉପସ୍ଥିତ ଥିଲେ । କେନ୍ଦ୍ରୀୟ ବିହନ ପାଣ୍ଠି କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ପ୍ରକାର ଜିନ୍ ସମ୍ବଳ ସଂଗ୍ରହ କରିବା ଓ କିସମ ଗୁଡିକୁ ସଂରକ୍ଷଣ କରିବା । ଏହି ବିହନ ପାଣ୍ଠିରୁ ନିଜ ଇଚ୍ଛା ଅନୁସାରେ ଚାଷି ମାନେ ବିଭିନ୍ନ ପାରମ୍ପରିକ ବିହନ ଆଣି ଉନ୍ନତ ମାନର କୃଷି ପ୍ରଣାଳି ମାଧ୍ୟମରେ ଉତ୍ପାଦନ ବୃଦ୍ଧି କରିପାରିବେ । ବର୍ତମାନ ଏହି କେନ୍ଦ୍ରୀୟ ବିହନ ପାଣ୍ଠିଠାରେ ୧୪୨ କିସମର ପାରମ୍ପରିକ ଧାନ, ୪୦ ପ୍ରକାର ମାଣ୍ଡିଆ, ୧୨ ପ୍ରକାର ଡାଲି, ୬ ପ୍ରକାର ତୈଳ ବିଜ, ୫୦ ପ୍ରକାର ବିଭିନ୍ନ ପ୍ରକାର ପନିପରିବାର ବିହନ ସଂଗୃହିତ କରି ରଖାଯାଇଛି । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରଶାନ୍ତ କୁମାର ପରିଡା, କାର୍ତିକ ଚରଣ ଲେଙ୍କା ପରିଚାଳନା କରିଥିଲେ ।

## ଶିଶୁ ସୁରକ୍ଷା ଓ ବାଲ୍ୟବିବାହ ନିରୋଧ ନେଇ ପଂଚାୟତ ପ୍ରତିନିଧିଙ୍କ ଦିନିକିଆ କର୍ମଶାଳା

### ସଚେତନ ହେଲେ ଶିଶୁ ସୁରକ୍ଷା ସୁନିଶ୍ଚିତ

ବୌଦ୍ଧ, (ପିଏନ)- ବୌଦ୍ଧ ଜିଲାପ୍ରଶାସନ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଟାଉନ୍ ହଲ୍ ଠାରେ ଜିଲାର ନିର୍ବାଚିତ ପଂଚାୟତ ପ୍ରତିନିଧି ମାନଙ୍କୁ ନେଇ ଶିଶୁ ସୁରକ୍ଷା, ବାଲ୍ୟବିବାହ ଆଇନ୍ ୨୦୦୬ ଓ ପଂଚାୟତ ସ୍ତରୀୟ ଶିଶୁ ସୁରକ୍ଷା କମିଟିର ଭୂମିକା ଉପରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାକୁ ମୁଖ୍ୟ ଅତିଥି ଭାବରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଯୋଗଦେଇ ଉଦଘାଟନ କରିବାସହ ଶିଶୁ ସୁରକ୍ଷା ନେଇ କର୍ତବ୍ୟରତ ସମସ୍ତ କର୍ମଚାରୀ ତଥା ପଂଚାୟତ ପ୍ରତିନିଧି ମାନେ ସଚେତନ ହେଲେ ଶିଶୁ ସୁରକ୍ଷା ସୁନିଶ୍ଚିତ ହେବ ବୋଲି ମତ ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବରେ ଗ୍ରାମ୍ୟଉନ୍ନୟନ ସଂସ୍ଥାପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ଦାଶ ଯୋଗଦେଇ ବାଲ୍ୟବିବାହର ସମାଜିକ ଦିଗ ସର୍ମ୍ପକରେ ଅଲୋଚନା କରିଥିଲେ । ଶିଶୁ ସୁରକ୍ଷା ଦିଗରେ ପଂଚାୟତ ପ୍ରତିନିଧିଙ୍କ ପ୍ରମୁଖ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ ଏବଂ ବ୍ୟାପକ ସଚେତନ ହିଁ ବାଲ୍ୟବିବାହ ରୋକିବା ଦିଗରେ ସହାୟତା ହେବ ବୋଲି ମତବ୍ୟକ୍ତ କରିଥିଲେ । ଜିଲାପରିଷଦ ଉପାଧ୍ୟକ୍ଷ ଅକ୍ରୁର ସେଠୀ ଯୋଗଦେଇ ପଂଚାୟତରାଜ ପ୍ରତିନିଧି ମାନେ ଶିଶୁମାନଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ଶିଶୁ ସୁରକ୍ଷା କମିଟି ବୈଠକକୁ ପ୍ରତି ମାସରେ ସୁନିଶ୍ଚିତ କରିବା ସହ ଏକ ଡାଟାବେସ୍ ପ୍ରସ୍ତୁତ କରିବା ପାଇଁ କହିଥିଲେ । ହରଭଙ୍ଗା ଅଧ୍ୟକ୍ଷ ବିଶ୍ୱଜିତ୍ ମିଶ୍ର ଯୋଗଦେଇ ଆଗାମୀ ଶିଶୁ କାଲିର ଭ୍ୟବିଷତ ବୋଲି ଓ ତାଙ୍କର ସୁରକ୍ଷା ଏବଂ ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ । ୱାଇ.ସି.ଡି.ଏ. ନିର୍ଦ୍ଦେଶକ ରାଜେନ୍ଦ୍ର ମେହେର ଯୋଗଦେଇ ଶିଶୁ ଅଧିକାର ଆଇନ୍, କିଶୋର ନ୍ୟାୟ ଆଇନ ଓ ସମ୍ବନ୍ଧିତ ଶିଶୁ ସୁରକ୍ଷା ଯୋଜନା ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ସାଧନ କର୍ମୀ ଏକ୍ସନ ଏଡ୍ ର ଘାସିରାମ ପଣ୍ଡା ଯୋଗଦେଇ ବାଲ୍ୟବିବାହ ନିରାକରଣ ଆଇନ୍ ୨୦୦୬ ର ବିଭିନ୍ନ ଦିଗ ଉପରେ ଆଲୋଚନା କରିବାସହ ବିବାହରୁ ଉଦ୍ଧାର ଏବଂ ଥଇଥାନ ନିମନ୍ତେ ଏହି ସମ୍ପର୍କରେ ସୂଚନା ପାଇଲେ ସି.ଡି.ପି.ଓ., ଜିଲା ଶିଶୁ କଲ୍ୟାଣ ସମିତି ଏବଂ ଜିଲା ଶିଶୁସୁରକ୍ଷା ଅଧିକାରୀଙ୍କୁ ଅବଗତ କରିବା ପାଇଁ ପରାମର୍ଶ ଦେଇଥିଲେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ସ୍ୱାଗତଭାଷଣ ଦେବାସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶ୍ରୀ ପ୍ରଧାନ ତାଙ୍କ ବକ୍ତବ୍ୟରେ କୌଣସି ଶିଶୁ ବିପଦରେ ଥିଲେ ୧୦୯୮ କୁ କଲ୍ କରିବା ପାଇଁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ ଭୋଇ ଧନ୍ୟବାଦ ଅର୍ପଣ କରିଥିବାବେଳେ, ସହଦେବ ନାୟକ, ବସନ୍ତ ଦିଶିରି, ସମରସେନ୍ ସିଂ, ଧନଞ୍ଜୟ ଖମାରୀ, ଚିତ୍ରସେନ ସାହୁ ଓ ସତ୍ୟ ନାଏକ ସହଯୋଗ କରିଥିଲେ ।

## ବ୍ୟଞ୍ଜନ ଦ୍ୱାଦଶୀ : ଗୌର ବିହାରରେ ମହାପ୍ରଭୁଙ୍କୁ ଲାଗିହେଲା ୬ ଶହରୁ ଉର୍ଦ୍ଧ୍ୱ ପ୍ରକାର ବ୍ୟଞ୍ଜନ

ପୁରୀ, (ପିଏନ)- ଗୋଟିଏ କି ଦୁଇ ପ୍ରକାର ନୁହେଁ ଭଳିକି ଭଳି ୬ ଶହରୁ ଉର୍ଦ୍ଧ୍ୱ ପ୍ରକାର ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ବଳିଆପଣ୍ଡା ସ୍ଥିତ ଗୌର ବିହାର ବା ମାତାମଠରେ ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଥିଲା । ପବିତ୍ର ବ୍ୟଞ୍ଜନ ଦ୍ୱାଦଶୀରେ ଶ୍ରୀ ରାଧାକୃଷ୍ଣଙ୍କୁ ଦର୍ଶନ କରିବା ସହ ବ୍ୟଞ୍ଜନ ସେବନ କରି ପରମ ତୃପ୍ତି ଲାଭ କରିଛନ୍ତି ଶ୍ରଦ୍ଧାଳୁ । ଏଥିପାଇଁ ମାତାମଠରେ ଦିନତମାମ ଲାଗି ରହିଥିଲା ଗହଳି ଚହଳି ।

ଦୀର୍ଘବର୍ଷ ଧରି ମାତାମଠରେ ମାର୍ଗଶୀର ଶୁକ୍ଳ ଦ୍ୱାଦଶୀକୁ ବ୍ୟଞ୍ଜନ ଦ୍ୱାଦଶୀ ଭାବେ ପାଳନ କରାଯାଇଆସୁଛି । ଦ୍ୱାପର ଯୁଗର ଲୋକକଥା ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ପାଇଁ ବ୍ୟଞ୍ଜନ ଦ୍ୱାଦଶୀକୁ ଭକ୍ତି ଓ ନିଷ୍ଠାର ସହ ପାଳନ କରାଯାଇ ଆସୁଛି । ବିଶେଷ କରି ଗୌଡୀୟ ବୈଷ୍ଣବଙ୍କ ଦ୍ୱାରା ପ୍ରତି ବର୍ଷ ଏହି ଦିନରେ ବ୍ୟଞ୍ଜନ ଦ୍ୱାଦଶୀ ପାଳନ କରାଯାଇଥାଏ । ଦ୍ୱାପର ଯୁଗରେ ମା ଯଶୋଦା ସ୍ନେହ ଶ୍ରଦ୍ଧାର ସହ ଏହି ଦିନରେ ନାନାଦି ସୁସ୍ୱାଦୁ ଭୋଜନ ପ୍ରସ୍ତୁତ କରି ପ୍ରଭୁ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଥିଲେ । ଏହି ପରମ୍ପରାକୁ ବଜାୟ ରଖିଛନ୍ତି ଗୌଡୀୟ ବୈଷ୍ଣବମାନେ । ଏହି ପର୍ବର ଯଥେଷ୍ଟ ପୂର୍ବରୁ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ ପାଇଁ ହୁଏ ପ୍ରସ୍ତୁତି । ପୁରୀ ତଥା ପଶ୍ଚିମବଙ୍ଗର ବହୁ ଶ୍ରଦ୍ଧାଳୁ ଶ୍ରୀ ରାଧାଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଥାନ୍ତି । ଏହାପରେ ସ୍ୱତନ୍ତ୍ର ପତ୍ରରେ ପ୍ରସ୍ତୁତ ସ୍ୱାଦିଷ୍ଟ ବ୍ୟଞ୍ଜନ ମଧ୍ୟରେ ରହିଥିଲା ସାଧା, ମିଠା କାନିକା, ଖେଚୁଡ଼ି ଓ ଘିଅନ୍ନ ପରି ୧୭ ପ୍ରକାର ଅନ୍ନ, ୧୮ପ୍ରକାର ଖିରି, ୫୧ପ୍ରକାର ତରକାରୀ, ୧୬୧ ପ୍ରକାର ଚଟଣୀ । ଗତକାଲି ସକାଳୁ ପରିବା ସବୁ ଅମୁଣିହା ହେବାପରେ ଆରମ୍ଭ ହୋଇଥିଲା ବ୍ୟଞ୍ଜନ ପ୍ରସ୍ତୁତି । ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ପରିବା କଟାକଟି ଓ ରୋଷେଇ କାର୍ଯ୍ୟରେ ଲାଗିଥିଲେ । ୨୦ଟି ଚୂଲି ପ୍ରସ୍ତୁତ କରାଯାଇଥିଲା । ଓଡିଶା, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶର ପାରମ୍ପରିକ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିଲା ।

ଦରଦାମ୍ ବୃଦ୍ଧିର ପ୍ରତିବାଦ

## କଂଗ୍ରେସର ଶୋଭାଯାତ୍ରା, ଉପ ଜିଲାପାଳ କାର୍ଯ୍ୟାଳୟ ଘେରାଉ

ଜୟପୁର, (ପିଏନ)- ଜୟପୁର ନଗର କଂଗ୍ରେସ ତରଫରୁ ଦରଦାମ୍ ବୃଦ୍ଧି ପ୍ରତିବାଦରେ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ନଗର ସଭାପତି ନରେନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତିଙ୍କ ଉପସ୍ଥିତିରେ ଜିଲା କଂଗ୍ରେସ ଭବନ ଠାରୁ ଏକ ଶୋଭାଯାତ୍ରା ବାହାରି ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଂଚିବା ପରେ ସେଠାରେ ଘେରାଉ କରାଯାଇଥିଲା । ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପ ଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କେଲକ୍ଟର ରାଜେନ୍ଦ୍ର ଖରାଙ୍କୁ ଏ ସମ୍ବଳିତ ଏକ ଦାବୀ ପତ୍ର ପ୍ରଦାନ କରାଯାଇଥିଲା । ପିଆଜ ବର୍ତମାନ ଜୟପୁରରେ ୨ ଶହ ଟଙ୍କା, ପନିପରିବା ଦର ଆକାଶ ଛୁଆଁ ହୋଇଛି । ଫଳରେ ଗରିବ ଲୋକ ପନିପରିବା କିଣିପାରୁନାହାଁନ୍ତି । ଏପରି ପରିସ୍ଥିତି ଜାରି ରହିଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାର କ'ଣ କରୁଛନ୍ତ ବୋଲି ବିଧାୟକ ବାହିନିପତି ଉଦବେଗ ପ୍ରକାଶ କରିଥିଲେ । ସେଥିପାଇଁ ଦର ଦାମ ନିୟନ୍ତ୍ରଣ କରାଯାଉ, ସବସିଡ଼ି ଦିଆଯାଉ, ଜିଲାପାଳ ଓ ଉପ ଜିଲାପାଳଙ୍କୁ ନେଇ ଏକ ବୈଠକ କରାଯାଇ କଳା ବଜାରି ରୋକାଯାଉ, ଜୟପୁର ସହରରେ ଲୋକ ମାନଙ୍କ ଜମି ସର୍ଭେ ହେଲା, ଘରଡ଼ିହ ସର୍ଭେ ହେଲା ଟୋକନ୍ ମିଳିଲା କିନ୍ତୁ, ପଟ୍ଟା ମିଳୁ ନାହିଁ । ତୁରନ୍ତ ଯେଉଁ ମାନେ ଟୋକନ ପାଇଛନ୍ତି ସେମାନଙ୍କୁ ପଟ୍ଟା ଦେବା ଦରକାର ଓ ପନିପରିବା ତଥା ଆଳୁ ପିଆଜ ଦର କମିବା ଦରକାର ବୋଲି ଦାବି କରାଯାଇଛି । ଏହି ଘେରାଉରେ ନିହାର ବିଷୋଇ, ଗଙ୍ଗା ସାହୁ, ମହିଳା କଂଗ୍ରେସ ସଭାନେତ୍ରୀ ନଳିନି ରଥ, ଦୁର୍ଗା ଶର୍ମା, ରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଚନାବେଡାରେ ମହାଲକ୍ଷ୍ମୀଙ୍କ ପୂଜା ପାଇଁ କଳସ ଶୋଭାଯାତ୍ରା

ନୂଆପଡା, (ପିଏନ୍)- ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଚନାବେଡା ଗ୍ରାମରେ ଅନୁଷ୍ଠିତ ଜଗତଜନନୀ ମାଁ ମହାଲକ୍ଷ୍ମୀଙ୍କ ପୂଜା ସକାଶେ ସୋମବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗ୍ରାମର ଶତାଧିକ ମହିଳା ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା ପରେ ପୂଜା ମଣ୍ଡପରେ କଳସକୁ ସ୍ଥାପନ କରିଥିଲେ । ଏହି ଅବସରରେ ୫ ଦିନ ବ୍ୟାପୀ ପୂଜା ଅନୁଷ୍ଠିତ ହେବାକୁ ସ୍ଥିରିକୃତ ହୋଇଥିବା ବେଳେ ଏହି ୫ ଦିନ ବ୍ୟାପୀ ମୂର୍ତି ଅଭିଷେକ, ପୁରାଣ ପାଠ, ପ୍ରବଚନ, ପୂଜାର୍ଚ୍ଚନା, ଭଷାଣୀ ଭଳି ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବାକୁ ସ୍ଥିରିକୃତ ହୋଇଥିବା ନେଇ କମିଟିର ସଭାପତି ନିଶାକାନ୍ତ ବେହେରା, ଉପସଭାପତି ଗୌରହରୀ ବେହେରା, ସମ୍ପାଦକ ଦୁର୍ବାଦଳ ଷଡଙ୍ଗୀ, ସହ ସମ୍ପାଦକ ବେଣୁଧର କୈବର୍ତ, କୋଷାଧକ୍ଷ ଗିରିଧାରୀ ବେହେରା, କୃପାସିନ୍ଧୁ ଷଡ଼ଙ୍ଗୀ, ରୁଦ୍ରମାଧବ ଷଡଙ୍ଗୀ ପ୍ରମୁଖ ନେତୃତ୍ୱ ନେଇଥିବା ବେଳେ କର୍ତା ଭାବରେ ଗୌରହରୀ ବେହେରା ଓ ଦେବକୀ ବେହେରା ରହିଛନ୍ତି । ସେହିପରି କୁଶମାଲ ଗ୍ରାମର ଥପାପଡା ଓ ବୋଡେନ ବ୍ଲକର ଅମେରା ଗ୍ରାମରେ ମଧ୍ୟ ମହାଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଯାଇଛି ।

## ରେଳବାଇ ଟ୍ରାକ୍ ମେଂଟେନର ପୁରସ୍କୃତ

ସମ୍ବଲପୁର, (ପିଏନ)- ସମ୍ବଲପୁର ରେଳ ମଣ୍ଡଳରେ ଇଞ୍ଜିନିୟରିଂ ବିଭାଗରେ ସମ୍ବଲପୁର ଷ୍ଟେସନରେ କାର୍ଯ୍ୟରତ ଟ୍ରାକ୍ ମେଂଟେନର ଶ୍ରୀ ହେମନ୍ତ ସିଂହ ଓ ଟିଟିଲାଗଡ଼ ଷ୍ଟେସନରେ କାର୍ଯ୍ୟରତ ଟ୍ରାକ୍ ମେଂଟେନର ଶ୍ରୀ କୈଳାସ ଠାକୁରଙ୍କ ନିରାପତା ପ୍ରତି ସଜାଗ ଓ ନିରାପତା ରେଳ ଚଳାଚଳ ପ୍ରତି ସେମାନଙ୍କର କର୍ତବ୍ୟ ନିଷ୍ଠା ଓ ନିରାପତା ନିୟମ ଉପରେ ଭଲ ଭାବରେ ଅବଗତ ପାଇଁ ପୁରସ୍କୃତ କରାଯାଇଛି ।
ସେମାନଙ୍କର କାର୍ଯ୍ୟ ପ୍ରତି ନିଷ୍ଠା ଓ ସମର୍ପଣ ମାନ୍ୟତା ସ୍ୱରୂପ ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ପ୍ରଦୀପ କୁମାର ପ୍ରମାଣ ପତ୍ର ଓ ନଗଦ ଅର୍ଥରାଶି ପ୍ରଦାନ ପୂର୍ବକ ଉଭୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

### କାନ୍ତକବିଙ୍କ ୧୩୨ତମ ଜୟନ୍ତୀ ସମାରୋହ

## ହୃଦୟସ୍ପର୍ଶୀ ଲେଖା ପାଇଁ କାନ୍ତକବି କାଳଜୟୀ ହୋଇଛନ୍ତି

ଭଦ୍ରକ,(ପିଏନ)- ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ତାଳପଦା ଗ୍ରାମସ୍ଥିତ କାନ୍ତକବି ସ୍ମୃତି ମନ୍ଦିରରେ ସୋମବାର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୨ତମ ଜୟନ୍ତୀ ସମାରୋହ ପାଳିତ ହୋଇ ଯାଇଛି । ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ କାନ୍ତକବି ସାହିତ୍ୟ ସଂସଦ ତାଳପଦା ପକ୍ଷରୁ ଅନୁଷ୍ଠିତ ଏହି ସମାରୋହର ଆୟୋଜନ କରାଯାଇଥିଲା । ଏହି ଅବସରରେ ସାହିତ୍ୟ ଏକାଡେମୀ ସଦସ୍ୟ ଇଂ ଅଭୟ ସୂତାର ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥିଭାବେ ଧାମନଗର ବିଧାୟକ ବିଷ୍ଣୁ ସେଠୀ ଯୋଗ ଦେଇ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ହୃଦୟସ୍ପର୍ଶୀ ଲେଖାପାଇଁ ସେ କାଳଜୟୀ ହୋଇଛନ୍ତି ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ. ମନ୍ମଥ କୁମାର ପ୍ରଧାନ, ସମ୍ମାନିତ ଅତିଥି ସାହିତ୍ୟଏକାଡେମୀ ରାଜ୍ୟପରିଷଦ ସଦସ୍ୟ ଡ. ଶଶଧର ଦାସ, ସାହିତ୍ୟିକା ଭାନୁମତୀ ମାଟିଆ, ପ୍ରାବନ୍ଧିକ ବିଭୂତି ଭୂଷଣ ସେନାପତି, କବି ହୃଦାନନ୍ଦ ପାଣିଗ୍ରାହୀ, ରାସବିହାରୀ ମହାପାତ୍ର ଯୋଗ ଦେଇ କାନ୍ତକବିଙ୍କ ସାହିତ୍ୟକୃତି ଉପରେ ବକ୍ତବ୍ୟ ଦେଇଥିଲେ । ସାହିତ୍ୟ ଏକାଡେମୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳି ଯୋଗ ଦେଇ ଓଡ଼ିଶା ସାହିତ୍ୟ ଏକାଡେମୀ କାଳଜୟୀ ଲେଖକମାନଙ୍କୁ ସମ୍ମାନ ଜଣାଇବା ସହିତ ସେମାନଙ୍କର ଜୟନ୍ତୀ ଓ ଶ୍ରାଦ୍ଧଦିବସ ପାଳନ କରିଆସୁଛି । ଏଥିରେ ସମସ୍ତେ ସହଯୋଗ କରିବା ଆବଶ୍ୟକ ବୋଲି କହିଥିଲେ । ଜିଲାପରିଷଦ ସଦସ୍ୟ ଚିନ୍ତାମଣି ଦାସ ସ୍ୱାଗତ ଭାଷଣ ଦେବା ସହିତ ସାହିତ୍ୟିକ ଚକ୍ରଧର ମହାନ୍ତି ଅତିଥି ପରିଚୟ ଦେଇଥିଲେ । ସକାଳେ ଏମପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବ୍ଲକ ଅଧ୍ୟକ୍ଷା ବିଦ୍ୟୁତ୍‌ଲତା ନାୟକ, ସାଂସଦଙ୍କ ପ୍ରତିନିଧି ହରେକୃଷ୍ଣ ଜେନା, ସରପଞ୍ଚ ପ୍ରଦୀପ ପଣ୍ଡା, ଭାଗିରଥି ମଲିକ, ସମିତିସଭ୍ୟ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ବାଲେଶ୍ୱର-ଭଦ୍ରକ ସମବାୟ ସମିତି ସଭାପତି ରଘୁନାଥ ଲେଙ୍କା, ପୂର୍ବତନ ସମିତିସଭ୍ୟ ହରିଶ୍ଚନ୍ଦ୍ର ମିଶ୍ର, କଳାକାର ନାରାୟଣ ଚନ୍ଦ୍ର ମହାନ୍ତି ପ୍ରମୁଖ କାନ୍ତକବିଙ୍କ ସମାଧିପୀଠରେ ମାଲ୍ୟାର୍ପଣ କରିବା ସହିତ କାନ୍ତକବିଙ୍କ ସାହିତ୍ୟକୃତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ତିହିଡ଼ି ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଦର୍ଶନ ନାୟକ କାନ୍ତ ସଙ୍ଗୀତ ପରିବେଷଣ କରିଥିଲେ । ରାକେଶ ମହାପାତ୍ର, ଆଶୀଷ କୁମାର ଶୁକ୍ଳ, ଲିପୁନ ମହାପାତ୍ର, ସୁବାସ ଜେନା, ଅଜିତ୍ ଦାସ, ଗିରିଧାରୀ ଜେନା, ଦିଲୀପ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବ୍ରହ୍ମବରଦାରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

ଧର୍ମଶାଳା,(ପିଏନ୍)-ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦାର ଅଗ୍ରଣୀ ଅନୁଷ୍ଠାନ ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ବୈଠକ ସଂଘ ଗୃହ ପରିସରରେ ସଭାପତି ହରିବନ୍ଧୁ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସୁସାହିତ୍ୟିକ ଡ. ରାଜକିଶୋର ପାଢୀ ଅତିଥି ତଥା ପର୍ଯ୍ୟବେକ୍ଷକଭାବେ ଯୋଗ ଦେଇଥିଲେ । ପାରମ୍ଭରେ ଦିବଙ୍ଗତ ସଭ୍ୟମାନଙ୍କ ଉଦ୍ଧେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସଂଘ ସମ୍ପାଦକ ତଥା କବି ବିଶ୍ୱନାଥ ପଣ୍ଡା ମାସିକ ବିବରଣୀପାଠ କରିବା ସହିତ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଓ ୨୦୨୦-୨୧ ବର୍ଷ ପାଇଁ ସଂଘ କାର୍ଯ୍ୟକାରୀ କମିଟିର ପୁନର୍ଗଠନ ଲାଗି ଘୋଷଣା କରିଥିଲେ । ସଂଘର ସମାଜହୀତକାରୀ ବହୁବିଧ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମର ପରିସରକୁ ଆହୁରି ପରିବ୍ୟାପ୍ତ କରିବାଲାଗି ମତ ପ୍ରକାଶ ପାଇଥିଲା । ସମାଜର ଯୁବଗୋଷ୍ଠୀ,ଛାତ୍ରଛାତ୍ରୀମାନଙ୍କ ପାଇଁ ଦୃଷ୍ଟାନ୍ତମୂଳକ ହିତକାରୀ କାର୍ଯ୍ୟକ୍ରମମାନ ହାତକୁ ନେବା ଲାଗି ଆଲୋଚନା କରାଯାଇଥିଲା । ମୁଖ୍ୟ ଅତିଥି ଡ଼ ରାଜକିଶୋର ପାଢୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ କାର୍ଯ୍ୟକାରୀ ପୁନର୍ଗଠନ ଶୃଙ୍ଖଳାର ସହିତ କରାଯାଇଥିଲା । ଏଥିରେ ଆଜୀବନ ସଭାପତିଭାବେ ହରିବନ୍ଧୁ ଗିରି,ସାଧାରଣ ସମ୍ପାଦକଭାବେ ବିଶ୍ୱନାଥ ପଣ୍ଡା ନିର୍ବାଚିତ ହୋଇଥିଲେ । ଉପ-ସଭାପତି ଭାବେ ନାରାୟଣ ପ୍ରସାଦ ଦାଶ,ସହ-ସମ୍ପାଦକଭାବେ ମହମ୍ମଦ ଇବ୍ରାହିମ ଓ କୋଷାଧ୍ୟକ୍ଷଭାବେ ଶରତ ଚନ୍ଦ୍ର ବେହେରା ନିର୍ବାଚିତ ହୋଇଥିଲେ ।

## ଜାତୀୟ ମତଦାତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, (ପିଏନ)-- ଆଗାମୀ ଜାନୁଆରୀ ୨୫ ତାରିଖରେ ରାଜ୍ୟସ୍ତରରେ ଜାତୀୟ ମତଦାତା ଦିବସ ପାଳନ ନିମନ୍ତେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଗଣତନ୍ତ୍ରକୁ ମଜ୍‌ବୁତ ଓ ସୁଦୃଢ଼ କରିବା ନିମନ୍ତେ ନିର୍ବାଚନଗୁଡ଼ିକରେ ବହୁସଂଖ୍ୟାରେ ଅଂଶଗ୍ରହଣ କରିବା, ନୂତନ ପିଢ଼ିର ଭୋଟରମାନଙ୍କୁ ଭୋଟର ସଚେତନତା ରାଲି, କୁଇଜ୍ ଓ ଉଭୟ ଇଂରାଜୀ, ଓଡ଼ିଆ ଭାଷାରେ ପ୍ରବନ୍ଧ ପ୍ରତିଯୋଗିତାମାନ ରାଜ୍ୟସ୍ତରରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ମତଦାତା ଦିବସ ଆନୁକୂଲ୍ୟରେ ଆୟୋଜିତ କରାଯିବାକୁ ବୈଠକରେ ନିଷ୍ପି ହୋଇଛି । ଏତଦ୍‌ବ୍ୟତୀତ ଓଡ଼ିଶା ସଂସ୍କୃତି ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ 'ଭୋଟଦାନ ଅଧିକାର' ସଂପର୍କିତ ପୋଷ୍ଟର ତିଆରି ପ୍ରତିଯୋଗିତା ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି । ଉକ୍ତ ଦିନ ବିଭିନ୍ନ ବିଦ୍ୟାଳୟ/ବହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ପ୍ରାୟ ୧୦୦୦ ଛାତ୍ରଛାତ୍ରୀଙ୍କର ଏକ ଶୋଭାଯାତ୍ରା ମାଷ୍ଟରକାନ୍ଟିନ୍ ଛକରୁ ବାହାରି ରବିନ୍ଦ୍ରମଣ୍ଡପଠାରେ ହେବାକୁ ଥିବା କାଯରୟକ୍ରମରେ ଅଂଶଗ୍ରହଣ କରିବେ ବୋଲି ବୈଠକରେ ସ୍ଥିର କରାଯାଇଛି । ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ପୁରସ୍କାର ବ ନ ଓ ୨୦ ଜଣ ନୂତନ ଭୋଟରମାନଙ୍କୁ ଭୋଟ ପରିଚୟ ପତ୍ର ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯିବାକୁ ବୈଠକରେ ସ୍ଥିର କରାଯାଇଛି । ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଅଭୟ କୁମାର ନାୟକ, ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ଅରୁଣ ବେହେରା, ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ, ଶତ୍ରୁଘ୍ନ କର, ଉପମୁଖ୍ୟ ନିର୍ବାଚନ ଅଧିକାରୀ ନୀତିରଞ୍ଜନ ସେନ୍, ଭୁବନେଶ୍ୱର ମୁନିସିପାଲିଟିର ଡେପୁଟୀ କମିଶନର, ଟ୍ରାଫିକ୍ ଏସିପି ଡ. କେ. କେ. ପାଣିଗ୍ରାହୀ, ଓଡ଼ିଶା ସଂସ୍କୃତି ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର, ଓଡ଼ିଶା ଖଣି ନିଗମର ଜନସଂପର୍କ ଅଧିକାରୀ ସନ୍ଦୀପ କୁମାର ସେଠୀ, ଭାରତ ସ୍କାଉଟ୍ ଏବଂ ଗାଇଡ୍‌ର ରାଜ୍ୟ ମୁଖ୍ୟ କମିଶନର ସୁରଜିତ୍ ସେନ୍, ଓଡ଼ିଶା ଇଲେକ୍‌ସନ୍ ୱାଚ୍‌ର ରାଜ୍ୟ ସଂଯୋଜକ ରଞ୍ଜନ କୁମାର ମହାନ୍ତି ଓ ଜ୍ୟୋତି ମହାନ୍ତି, ଖୋର୍ଦ୍ଧାର ସହକାରୀ ଜିଲ୍ଲାପାଳ ଗାୟତ୍ରୀ ସାମନ୍ତରାୟଙ୍କ ସହ ମୁଖ୍ୟ ନିର୍ବାଚନ କାର୍ଯ୍ୟାଳୟର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।




Bhubaneswar Wednesday December 11 ଭୁବନେଶ୍ୱର ବୁଧବାର, ଡିସେମ୍ବର ୧୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


# ହିନ୍ଦୁସ୍ତାନ କୋକାକୋଲା, ୟୁଏନ୍‌ଡିପି ଏବଂ ବିଏମ୍‌ସି ପକ୍ଷରୁ 'ପ୍ଲାଷ୍ଟିକ୍ ଲାଓ, ଥୈଲା ପାଓ' ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର : 'ପ୍ଲାଷ୍ଟିକ୍ ଲାଓ, ଥୈଲା ପାଓ' ଅଭିଯାନ ଶୁଭାରମ୍ଭ କରିବାକୁ ଆଜି ଭୁବନେଶ୍ୱର ମହାନଗର ନିଗମ, ହିନ୍ଦୁସ୍ତାନ କୋକା-କୋଲା ବେଭରେଜେସ୍ ପ୍ରାଇଭେଟ୍ ଲିମିଟେଡ୍ (ଏଚ୍‌ସିସିବି) ଏବଂ ଜାତିସଂଘ ଉନ୍ନୟନ କାର୍ଯ୍ୟକ୍ରମ (ୟୁଏନ୍‌ଡିପି) ହାତ ମିଶାଇଛନ୍ତି । ବର୍ଜ୍ୟ ପରିଚାଳନା ଦିଗରେ କାମ କରୁଥିବା ଏକ ସ୍ଥାନୀୟ ଏନ୍‌ଜିଓ 'କୋର୍' ଜରିଆରେ ଓଡ଼ିଶା ଶିଳ୍ପାଂଚଳ ଉନ୍ନୟନ ନିଗମ (ଇଡ୍‌କୋ) ଏହି ଅଭିଯାନକୁ ସହାୟତା କରୁଛି । ଅଭିଯାନର ଅଂଶସ୍ୱରୂପ ପ୍ଲାଷ୍ଟିକର ଦାୟିତ୍ୱବାନ ବ୍ୟବହାର ଏବଂ ଏହାର ପରିତ୍ୟାଗ ଉଦ୍ଦେଶ୍ୟରେ ଏକ୍ରାମ ହାଟ ପରିସରରେ ଏକ ମିନି ମ୍ୟାଟେରିଆଲ ରିକଭରି ଷ୍ଟଲ ସ୍ଥାପନ କରାଯାଇଛି । ଏଠାରେ ପରିଦର୍ଶକମାନଙ୍କୁ ବର୍ଜ୍ୟ ପ୍ଲାଷ୍ଟିକ୍ ବସ୍ତୁ ଆଣି ଏହା ପରିବର୍ତ୍ତେ ନବୀକରଣ କପଡ଼ା ବ୍ୟାଗ୍ ବଦଳାଇବାକୁ ପ୍ରୋତ୍ସାହିତ କରାଯିବ । ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ଯେ ପ୍ଲାଷ୍ଟିକର ମୂଲ୍ୟ ରହିଛି, ଯାହାକୁ କି ପୁନରୁଦ୍ଧାର ଓ ନବୀକରଣ କରାଯାଇ ବ୍ୟବହାରଯୋଗ୍ୟ ଉତ୍ପାଦରେ ପରିଣତ କରିବା ନେଇ ଗୁରୁତ୍ୱାରୋପ କରିବା । ଏହା ସଫାଇ ସାଥୀ ବା ବର୍ଜ୍ୟ ଉଠାଳିଙ୍କୁ ଏକ ଉତ୍ତମ ଜୀବନଜୀବିକା ପ୍ରଦାନରେ ସହାୟକ ହେବ । ଏକ ଦାୟିତ୍ୱବାନ ସମାଜ ଗଠନ ଉଦ୍ଦେଶ୍ୟରେ ବର୍ଜ୍ୟ ମୂଲ୍ୟ ଶୃଙ୍ଖଳରେ ସାଧାରଣ ଜନତାଙ୍କ ଭୂମିକା ସମ୍ପର୍କରେ ଅବଗତ କରାଇବା ମଧ୍ୟ ଏହି ଅଭିଯାନର ଅନ୍ୟ ଏକ ଉଦ୍ଦେଶ୍ୟ । ପକ୍ଲାଷ୍ଟିକ ବର୍ଜ୍ୟର ପୃଥକୀକରଣକୁ ପ୍ରୋତ୍ସାହିତ କରି ବ୍ୟବହାରିକ ପରିବର୍ତ୍ତନ ଆଣିବାକୁ ଏହା ଲକ୍ଷ୍ୟ ରଖିଛି । ଏହି ଅଭିଯାନକୁ ଡ. ଭକ୍ତ କବି ଦାସ, ସିଜିଏମ୍ (ପି/ସି)- ଇଡ୍‌କୋ, ଶୁଭେନ୍ଦୁ ସାହୁ, ଡେପୁଟି କମିସନର-ବିଏମ୍‌ସି, ପ୍ରଭଜୋତ୍ ଶୋଦ୍ଧି-ମୁଖ୍ୟ ସର୍କୁଲାର ଇକୋନୋମି, ୟୁଏନ୍‌ଡିପି, ଆଭା ମିଶ୍ର-ରାଜ୍ୟ ମୁଖ୍ୟ, ୟୁଏନ୍‌ଡିପି ଏବଂ ସୁସ୍ମିତା ଶୁଭଦର୍ଶିନୀ ବେହେରା- ମ୍ୟାନେଜର-ଏଚ୍‌ସିସିବି ଉଦ୍‌ଘାଟନ କରିଥିଲେ । ହିନ୍ଦୁସ୍ତାନ କୋକା-କୋଲା ବେଭରେଜେସ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଅନ୍ୟ ଅଂଶୀଦାରଙ୍କ ସହଯୋଗରେ ୟୁଏନ୍‌ଡିପି ଇଣ୍ଡିଆ ଦେଶରବ୍ୟାପୀ ଜାରି ରଖିଥିବା ପ୍ରକଳ୍ପର ଅଂଶସ୍ୱରୂପ ଏହି ଅଭିଯାନ ଆରମ୍ଭ ହୋଇଛି । ଏହି ଅଭିଯାନକୁ ପ୍ରଥମେ ନୂଆଦିଲ୍ଲୀ ମହାନଗର ନିଗମ ସହଯୋଗରେ ଅକ୍ଟୋବର ୩ରେ ନୂଆଦିଲ୍ଲୀରେ ଶୁଭାରମ୍ଭ କରାଯାଇଥିଲା । ବର୍ତ୍ତମାନସୁଦ୍ଧା ଏହି ଷ୍ଟଲ୍ ଜରିଆରେ ୪ ମେଟ୍ରିକ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ କରାଯାଇଛି ।

## ନୂଆ ଭିଭୋ ଭି-୧୭ କମ ଆଲୋକରେ ଦେବ ଉନ୍ନତ ଫଟୋ ୪ କ୍ଲିୟର ଆଜ୍ ରିୟଲ

ଭୁବନେଶ୍ୱର : ବିଶ୍ୱସ୍ତରୀୟ ଆଧୁନିକ ସ୍ମାର୍ଟଫୋନ ବ୍ରାଣ୍ଡ ଭିଭୋ ଏହାର ସିରିଜ ପୋର୍ଟଫୋଲିଓ ରେ ନୂଆ ଭି-୧୭ ର ଶୁଭାରମ୍ଭ କରିଛି । ଏହି ଡିଭାଇସ ଶକ୍ତିଶାଳୀ କ୍ୱାଡ କ୍ୟାମେରା ସେଟ୍‌ଅପ ସହ ଉନ୍ନତ ଚିତ୍ର (୪ କ୍ଲିୟର ଆଜ୍ ରିୟଲ) ର ପ୍ରତିଶୃତି ଦେଉଛି । ଭିଭୋ ଭି-୧୭ ଆଧୁନିକ ୩୨ ଏମପି ଫ୍ରନ୍ଟ କ୍ୟାମେରା, ନୂଆ ଆଇ ଭ୍ୟୁ ଡିସପ୍ଲେ ଓ ଇ୩ ସୁପର ଆମୋଲେଡ ସ୍କ୍ରିନ ସହ ଉପଲବ୍ଧ । ଏହି ଡିଭାଇସ ୮ଜିବି ରାମ + ୧୨୮ଜିବି ରମ ସହ ଦୁଇଟି ରଙ୍ଗ- ମିଡନାଇଟ ଓସେନ ଓ ଗ୍ଲାସିଅର ଆଇସ ରେ ଉପଲବ୍ଧ । ଏହାର ମୂଲ୍ୟ ୨୨,୯୯୦ଟଙ୍କା ଏବଂ ଏହା ଡିସେମ୍ବର ୧୭,୨୦୧୯ ଠାରୁ ଭିଭୋ ଇଣ୍ଡିଆ ଇ-ଷ୍ଟୋର, ଆମାଜନ, ଫ୍ଲିପକାର୍ଟ, ପେଟିଏମ ମଲ, ଟାଟା କ୍ଲିକ୍, ବଜାଜ ଫିନସର୍ଭ ଇଏମଆଇ ଷ୍ଟୋର ତଥା ସମସ୍ତ ସହଯୋଗୀ ରିଟେଲର ଷ୍ଟୋର ରେ ଉପଲବ୍ଧ ହେବ । ଭିଭୋ ଭି-୧୭ର ଗ୍ରାହକ ମାନେ ଅନେକ ଆକର୍ଷଣୀୟ ଅଫର ର ଲାଭ ଉଠାଇ ପାରିବେ । ମେକ ଇନ ଇଣ୍ଡିଆ କାର୍ଯ୍ୟକ୍ରମ ପ୍ରତି ନିଜର ପ୍ରତିବଦ୍ଧତା ସହ ଭି-୧୭ ଭିଭୋର ଗ୍ରେଟର ନୋଏଡା ସ୍ଥିତ ମାନ୍ୟୁଫାକ୍‌ଚରିଂ ୟୁନିଟ ରେ ନିର୍ମାଣ କରାଯିବ । ଭିଭୋ ଇଣ୍ଡିଆର ବ୍ରାଣ୍ଡ ଷ୍ଟ୍ରାଟେଜି ନିର୍ଦ୍ଦେଶକ ନିପୁନ ମାରୟା କହିଛନ୍ତି, 'ଭି-୧୭ ଆମର ଭି-ସିରିଜ ର ନୂଆ ସଂସ୍କରଣ । ଗ୍ରାହକ ମାନଙ୍କୁ ଅଗ୍ରାଧିକାର ଦେଇ ଭିଭୋ ଭି-ସିରିଜ ଉଦ୍ୟୋଗ ଜଗତରେ ଅନେକ ଅଭିନବ ଫିଚର ମାନଙ୍କ ସହ ସ୍ମାର୍ଟଫୋନ ଉପଲବ୍ଧ କରାଉଛି । ଆଗାମୀ ଦିନରେ ସ୍ୱଳ୍ପ ମୂଲ୍ୟରେ ଶ୍ରେଷ୍ଠ ଉତ୍ପାଦ ଦେବା ପାଇଁ ଆମର ପ୍ରୟାସ ଜାରି ରହିବ ।'

## ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ୍‌ରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଛାତ୍ରଙ୍କ ପ୍ରକଳ୍ପ



ଭୁବନେଶ୍ୱର : କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଦୁଇ ଅଷ୍ଟମ ଶ୍ରେଣୀ ଛାତ୍ର ପ୍ରିତେଶ ଦେବ ଓ ଦିବ୍ୟମ୍ ସାହୁଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ 'ୱାଟର୍ ଡିସ୍‌ପେନ୍‌ସର ଫର୍ ଡିଫେରେଣ୍ଟଲି ଏବଲ୍‌ଡ ପିପୁଲ୍' ୨୭ତମ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ପାଇଁ ମନୋନୀତ ହୋଇଛି । ଓଡ଼ିଶାରୁ ସମୁଦାୟ ୧୫ଟି ପ୍ରକଳ୍ପ ମନୋନୀତ ହୋଇଥିବା ବେଳେ ଏଥିରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଛାତ୍ରଙ୍କ ପ୍ରକଳ୍ପ ରହିଛି । ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ଏବଂ କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗ ପକ୍ଷରୁ ଆସନ୍ତା ୨୬ ତାରିଖରେ କେରଳରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସରେ ପ୍ରିତେଶ ଅଂଶଗ୍ରହଣ କରି ଏହି ପ୍ରକଳ୍ପ ପ୍ରଦର୍ଶନ କରିବେ । ଅନ୍ୟ ପକ୍ଷରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଅନ୍ୟ ଦୁଇ ଛାତ୍ର ହ୍ରିତେଶ କାନୁନ୍‌ଗୋ ଓ କାଳି ସୁହାଙ୍କ 'ଯାନ୍ତ୍ରିକ ପଦ୍ଧତିରେ କୀଟ ନିୟନ୍ତ୍ରଣ' ପ୍ରକଳ୍ପ ଶ୍ରେଷ୍ଠ ପୋଷ୍ଟର ପୁରସ୍କାର ପାଇଛି । ଝରଣା ପାଣି ଓ ରାଜଶ୍ରୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ସବୁ ପ୍ରକଳ୍ପ ଛାତ୍ରମାନେ ପ୍ରସ୍ତୁତ କରିଥିଲେ । ସ୍କୁଲ୍‌ର ଛାତ୍ରଙ୍କ ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରି କହିଛନ୍ତି, ଏହା କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ପାଇଁ ଗୌରବର ବିଷୟ । ଦୀର୍ଘ ଦିନ ଧରି ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଆସୁଛନ୍ତି । ଏଥିପାଇଁ ସେ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନା ଲିସା ବଳ, ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ଏବଂ ପ୍ରକଳ୍ପର ଗାଇଡ୍‌ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ରେଡ୍ ବୁଲ୍ ପକ୍ଷରୁ ଡିସେମ୍ବର ୧୮ରେ କିଟ ଫେଷ୍ଟରେ ଯୁବ ସଙ୍ଗୀତ ନିର୍ମାତା ରିତବୀଜଙ୍କୁ ଉପସ୍ଥାପିତ କରାଯିବ

ଭୁବନେଶ୍ୱର: ଭାରତର ଅନ୍ୟତମ ଲୋକପ୍ରିୟ ଯୁବ ସଙ୍ଗୀତ ନିର୍ମାତା ରିତବୀଜ ଶ୍ରୀବାସ୍ତବଙ୍କୁ କିଟ ଫେଷ୍ଟ ପଟିଆରେ ଉପସ୍ଥାପନ କରାଯିବ । ଏହି କାର୍ଯ୍ୟକ୍ରମରେ ସଂନ୍ଧ୍ୟା ୭ଟା ୩୦ ମିନିଟରେ ପଟିଆର କିଟରେ ଆରମ୍ଭ ହେବ । ୨୩ ବର୍ଷୀୟ ରିତବୀଜ ସେଭଳି ବହୁତ କଳାକାର ମାନଙ୍କ ମଧ୍ୟରେ ଅନ୍ୟତମ ଯେଉଁମାନେ ସଫଳତାର ଏତେ ଉଚ୍ଚକୁ ଉଠିପାରିଛନ୍ତି ଏବଂ ସେହି ଲୋକପ୍ରିୟତାକୁ ମଧ୍ୟ ଧରି ରଖିବାରେ ସକ୍ଷମ ହୋଇଛନ୍ତି । ୨୦୧୭ ଡିସେମ୍ବରରେ ଭାରତୀୟ ପାରମ୍ପରିକ ସଙ୍ଗୀତ, ହିପ୍-ହପ୍ ଓ ଇଲେକ୍ଟ୍ରୋନିକା ବିନା ସେ ହିଟ ଗୀତ ଉଚ୍ଚ ଗୟେ ଜରିଆରେ ପ୍ରସିଦ୍ଧିର ଶୀର୍ଷରେ ପହଂଚିଥିଲେ । ଏହାକୁ ସାରା ଭାରତରେ ପ୍ରଶଂସା କରାଯାଇଥିଲା ଏବଂ ତାହା ହିଟ ସାବ୍ୟସ୍ତ ହୋଇ ବିଭିନ୍ନ ପ୍ଲାଟଫର୍ମରେ ୫୦୦ ନିୟୁତରୁ ଅଧିକ ଥର ସର୍ଚ୍ଚ କରାଯାଇଥିଲା । ସେହି ଦିନ ଠାରୁ ରୀତବିଜଙ୍କ ଗୁରୁତ୍ୱ ବିଯାଇଥିଲା । ଏହା ପରେ ୨୦୧୮ ଓ ୨୦୧୯ରେ ସେ ଭାରତୀୟ ଇଲେକ୍ଟ୍ରୋନିକା ସଙ୍ଗୀତ କ୍ଷେତ୍ରରେ ନିଜ ନାମକୁ ଆହୁରି ଉଚ୍ଚକୁ ନେଇଥିଲେ । ତାଙ୍କର ନିଆରା ଶୈଳୀକୁ ସାରା ବିଶ୍ୱରେ ପ୍ରଶଂସା କରାଯାଇଥିଲା । ୨୦୧୯ରେ ସ୍ୱେଟିଫାଏ ପ୍ଲାଟଫର୍ମର ଫେବୃଆରି ୨୦୧୯ରେ ଭାରତରେ ଉନ୍ମୋଚନ ପରେ ସେ ହେଉଛନ୍ତି ସର୍ବାଧିକ ଷ୍ଟ୍ରିମ ହେଉଥିବା କଳାକାର । ଏଥିରେ ତାଙ୍କର ପ୍ରଥମ ଆଲବମ ବେଦର ବହୁତ ଅବଦାନ ରହିଛି । ବର୍ତ୍ତମାନ ସେ ତାଙ୍କର ସୋଫମର ଆଲବମ ଦେବ ଉପରେ କାମ କରୁଛନ୍ତି ।

## ଟାଟା ଷ୍ଟିଲ ଭୁବନେଶ୍ୱର ହାଫ୍ ମାରାଥନ୍‌ର ୫ମ ସଂସ୍କରଣ

ଭୁବନେଶ୍ୱର : ଏକ ଉନ୍ନତ ଆସ'ାକାଳି ନିର୍ମାଣ ପାଇଁ ନିଜପ୍ରତିବଦ୍ଧତାର ଅନୁରୂପ ଟାଟା ଷ୍ଟିଲ ପକ୍ଷରୁ ୨୦୨୦ ମସିହା ଜାନୁଆରୀ ୧୨ ତାରିଖରେ ଟାଟା ଷ୍ଟିଲ ଭୁବନେଶ୍ୱର ହାଫ୍ ମାରାଥନ୍ (ଟିଏସ୍‌ବିଏଚ୍‌ଏମ୍) ର ୫ମ ସଂସ୍କରଣ ଆୟୋଜନ କରାଯିବ । ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ସହଯୋଗରେ ଆୟୋଜିତ ହେବାକୁଥିବା ଟିଏସ୍‌ବିଏଚ୍‌ଏମ୍ ୨୦୨୦ ଏକ ସୁସ୍ଥ ଓ କ୍ରିୟାଶୀଳ ଜୀବନଶୈଳୀର ପ୍ରସାର ପାଇଁ ଦେଶର ବିଭିନ୍ନ ସ୍ଥାନର ଦୌଡ଼ ପ୍ରେମୀଙ୍କୁ ଏକ ମଂଚ ପ୍ରଦାନ କରିବ । ଦୌଡ଼ ଓ କ୍ରୀଡ଼ା ପ୍ରତି ଭୁବନେଶ୍ୱର ଏବଂ ଏହାର ବାହାରୁ ଆସୁଥିବା ଲୋକମାନଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ସେମାନଙ୍କୁ ଗୋଟିଏ ମଂଚରେ ଏକତ୍ରିତ କରିବା ଲକ୍ଷ୍ୟରେ ପ୍ରତ୍ୟେକ ବର୍ଷ ଜାନୁଆରୀ ମାସରେ ଜାତୀୟ ଯୁବ ଦିବସ ଅବସରରେ ଟାଟା ଷ୍ଟିଲ ଭୁବନେଶ୍ୱର ହାଫ୍ ମାରାଥନ୍‌ର ଆୟୋଜନ କରାଯାଇଥାଏ । ୨୦୧୬ ମସିହାରୁ ଆରମ୍ଭ ହୋଇଥିବା ଟାଟା ଷ୍ଟିଲ ଭୁବନେଶ୍ୱର ହାଫ୍ ମାରାଥନ୍‌କୁ ଦେଶର ଏକ ପ୍ରମୁଖ ଦୌଡ଼ ପ୍ରତିଯୋଗିତା ଭାବେ ସ୍ଥାପିତକରିବାକୁ ଉଦ୍ୟମ କରାଯାଉଛି । ଏକ କ୍ରିୟାଶୀଳ କ୍ରୀଡ଼ା ଶୈଳୀକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଆୟୋଜିତ ହେଉଥିବା ଟାଟା ଷ୍ଟିଲ ଭୁବନେଶ୍ୱର ହାଫ୍ ମାରାଥନ୍‌ରେ ପ୍ରତ୍ୟେକ ବର୍ଷ ପ୍ରତିଯୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି । ଏହି ଅବସରରେ ଟାଟା ଷ୍ଟିଲ କର୍ପୋରେଟ୍ ସର୍ଭିସେସ୍ ଭାଇସ ପ୍ରେସିଡେ ଶ୍ରୀ ଚାଣକ୍ୟ ଚୌଧୁରୀ କହିଛନ୍ତି, 'ଓଡ଼ିଶା ସରକାରଙ୍କ ସହ ମିଶି ଆଉ ଥରେ ଟାଟା ଷ୍ଟିଲ ଭୁବନେଶ୍ୱର ହାଫ୍ ମାରାଥନ୍ ଆୟୋଜନ କରୁଥିବାରୁ ଆମେ ଆନନ୍ଦିତ । ପ୍ରତ୍ୟେକ ବର୍ଷ ଏହି ପ୍ରତିଯୋଗିତାର ଲୋକପ୍ରିୟତା ବୃଦ୍ଧି ପାଉଥିବାବେଳେ ଏହି ପ୍ରମୁଖ କାର୍ଯ୍ୟକ୍ରମର ଦୌଡ଼ ଅଭିଜ୍ଞତାରେ ଉନ୍ନତି ଆଣିବା ପାଇଁ ଆମେ ପ୍ରତିବଦ୍ଧ ରହିଛୁ । ଉକ୍ତ ପ୍ରତିଯୋଗିତାରେ ଅଧିକରୁ ଅଧିକ ଲୋକ ଅଂଶଗ୍ରହଣ କରିବେ ବୋଲି ଆଶା କରୁଛୁ' । ଏହି ଅବସରରେ ଟାଟା ଷ୍ଟିଲ ଓ ଓଡ଼ିଶା ସରକାରଙ୍କର କ୍ରୀଡ଼ା ପ୍ରତି ଅଙ୍ଗୀକାରବଦ୍ଧତାସମ୍ବନ୍ଧରେ ଶ୍ରୀ ଚୌଧୁରୀ କହିଥିଲେ । 'ଭୁବନେଶ୍ୱରକୁ ଦେଶର ଏକ ପ୍ରମୁଖ କ୍ରୀଡ଼ା କେନ୍ଦ୍ର ଭାବେ ବିକଶିତ ହେବାର ଦେଖି ବହୁତ ଖୁସି ଲାଗୁଛି' ।

## ଓ୍ୱାନ୍‌ପ୍ଲସ୍ ସ୍ମାର୍ଟ ଟିଭିରେ ନେଟ୍‌ଫ୍ଲିକ୍ସ

ଭୁବନେଶ୍ୱର: ଆନ୍ତର୍ଜାତୀୟ ଟେକ୍ନୋଲୋଜି ବ୍ରାଣ୍ଡ ଓ୍ୱାନ୍‌ପ୍ଲସ୍ ପକ୍ଷରୁ ଓ୍ୱାନ୍‌ପ୍ଲସ୍ ଟିଭି ଗୁଡିକରେ ଏହାର ନୂତନ ଅପ୍‌ଡେଟ୍ ଘୋଷଣା କରାଯାଇଛି । ଯାହାଫଳରେ ଏବେ ଉଭୟ ପୁରୁଣା ଓ ନୂତନ ଓ୍ୱାନ୍‌ପ୍ଲସ୍ ଟିଭି ଉପଭୋକ୍ତାମାନେ ମାତ୍ର ଗୋଟିଏ ବଟନ୍ ସ୍ପର୍ଶକରି ନେଟ୍‌ଫ୍ଲିକ୍ସର ଆକର୍ଷଣୀୟ କଣ୍ଟେଣ୍ଟ ସୂଚୀ ଉପଭୋଗ କରିପାରିବେ । ନେଟ୍‌ଫ୍ଲିକ୍ସ ଆପ୍ ନୂଆ ଉପଭୋକ୍ତାଙ୍କ ପାଇଁ ପ୍ରି-ଇନ୍‌ଷ୍ଟଲ୍‌ଡ ହୋଇଆସିବ ଏବଂ ଓ୍ୱାନ୍‌ପ୍ଲସ୍ ଟିଭି ୫୫ କ୍ୟୁ୧ ଓ ଓ୍ୱାନ୍‌ପ୍ଲସ୍ ଟିଭି୫୫ କ୍ୟୁ୧ ପ୍ରୋଭଳି ଟିଭି ଗୁଡିକର ପୁରୁଣା ଗ୍ରାହକଙ୍କ ପାଇଁ ଏକ ଅପ୍‌ଡେଟ୍ ମାଧ୍ୟମରେ ଏହା ଉପଲବ୍ଧ ହେବ । ଯାହାଦ୍ୱାରା ଉପଭୋକ୍ତାମାନେ ଘରେ ବସି ସର୍ବୋତ୍ତମ ପିକଚର (୪କେ ସହ) ଓ ଅଡ଼ିଓ କ୍ୱାଲିଟି ସହ ବିଭିନ୍ନ ବର୍ଗର ନେଟ୍‌ଫ୍ଲିକ୍ସର କଣ୍ଟେଣ୍ଟ ଗୁଡିକୁ ବିନାବାଧାରେ ଉପଭୋଗ କରିପାରିବେ । ଓ୍ୱାନ୍‌ପ୍ଲସ୍ ଟିଭିର ରିମୋଟ୍‌ରେ ମଧ୍ୟ ଏକ ଡେଡିକେଟେଡ୍ ନେଟ୍‌ଫ୍ଲିକ୍ସ ବଟନ୍ ରହିବ ଯାହାକୁ ଉପଭୋକ୍ତାମାନେ ନିଜର ପ୍ରିୟଶୋ ଓ ଫିଲ୍ମ ଦେଖିବା ପାଇଁ ସିଧାସଳଖ ବ୍ୟବହାର କରିପାରିବେ । ଓ୍ୱାନ୍‌ପ୍ଲସ୍ ଇଣ୍ଡିଆର ଜେନେରାଲ ମ୍ୟାନେଜର, ବିକାଶ ଅଗ୍ରୱାଲଙ୍କ କହିବା ଅନୁସାରେ, 'ଓ୍ୱାନ୍‌ପ୍ଲସ୍‌ରେ ଆମେ ଆମର ସମସ୍ତ ଡିଭାଇସ୍ ଗୁଡିକରେ ସବୁବେଳେ ସର୍ବୋତ୍ତମ ପ୍ରଯୁକ୍ତିରେ ଉପଲବ୍ଧି କରିବାକୁ ଚେଷ୍ଟା କରିଥାଉ । ଗତ କିଛି ବର୍ଷ ମଧ୍ୟରେ ନେଟ୍‌ଫ୍ଲିକ୍ସ ଆମ ସ୍ମାର୍ଟ ଫୋନ୍‌ଗୁଡିକରେ ଏକ ଅତୁଳନୀୟ ଭ୍ୟୁଇଙ୍ଗ୍ ଏକ୍ସପେରିଏନ୍ସ ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।' ଓ୍ୱାନ୍‌ପ୍ଲସ୍ ସ୍ଥାପନାର ୬ ବର୍ଷ ପୂର୍ତ୍ତି ଅବସରରେ କମ୍ପାନୀ ପକ୍ଷରୁ ଓ୍ୱାନ୍‌ପ୍ଲସ୍ ଟିଭି ଗୁଡିକରେ ଆକର୍ଷଣୀୟ ଅଫର୍ ମଧ୍ୟ ଉପଲବ୍ଧ କରାଯାଇଛି । ଉପଭୋକ୍ତାମାନେ ବେଙ୍ଗାଲୁରୁ, ମୁମ୍ବାଇ, ଦିଲ୍ଲୀ, ଚେନ୍ନାଇ ଓ ପୁନେସ୍ଥିତ କମ୍ପାନୀର ଓ୍ୱାନ୍‌ପ୍ଲସ୍ ଏକ୍ସପେରିଏନ୍ସ ଷ୍ଟୋର ଗୁଡିକରେ ନୂଆ ଓ୍ୱାନ୍‌ପ୍ଲସ୍ ଟିଭିର ଅଭିଜ୍ଞତା ପାଇପାରିବେ । ଏହି ଟିଭିଗୁଡିକର ପ୍ରାରମ୍ଭିକ ବଜାର ମୂଲ୍ୟ ୬୯,୯୦୦ ଟଙ୍କା ରହିଛି ଯାହାକି ବର୍ତ୍ତମାନ ଆମାଜନ୍ ଡଟ୍‌ଇନ୍ ଓ ଦେଶର ୧୨ଟି ପ୍ରମୁଖ ସହରରେ ଥିବା ରିଲାଏନ୍ସ ଡିଜିଟାଲର ୧୦୦ରୁ ଅଧିକ ଅଫ୍‌ଲାଇନ୍ ଆଉଟ୍‌ଲେଟ୍‌ରେ ବିକ୍ରି ପାଇଁ ଉପଲବ୍ଧ ହେଉଛି ।

# ଓ୍ୱାଲମାର୍ଟ ଅଭିବୃଦ୍ଧି ବଢାଇବା ଓ ନୂଆ ବଜାରରେ ପହଞ୍ଚିବା ଲକ୍ଷ୍ୟରେ ଭାରତୀୟ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକୁ ଅଧିକ ସଶକ୍ତ କରିଛି

ନୂଆଦିଲ୍ଲୀ: ଓ୍ୱାଲମାର୍ଟ ଆଇଏନ୍‌ସି (ଏନ୍‌ୱାଇଏସ୍‌ଇ:ଡବ୍ଲ୍ୟୁଏମ୍‌ଟି) ପକ୍ଷରୁ ଆଜି ଏହାର ଆନ୍ତର୍ଜାତୀୟ ସପ୍ଲାଇ ଚେନ୍‌ଗୁଡିକ ପାଇଁ 'ମେକ୍ ଇନ୍ ଇଣ୍ଡିଆ'ରେ ୫୦,୦୦୦ ଭାରତୀୟ କ୍ଷୁଦ୍ର ବ୍ୟବସାୟୀଙ୍କୁ ପ୍ରଶିକ୍ଷିତ ଓ ପ୍ରସ୍ତୁତ କରିବା ଲାଗି ଓ୍ୱାଲ୍‌ମାର୍ଟ ବୃଦ୍ଧି ଯୋଗାଣକର୍ତ୍ତା ବିକାଶ କାର୍ଯ୍ୟକ୍ରମ (ଓ୍ୱାଲ୍‌ମାର୍ଟ ବୃଦ୍ଧି)ର ଘୋଷଣା କରିଛି । ଓ୍ୱାଲ୍‌ମାର୍ଟ ବୃଦ୍ଧି ଆନ୍ତର୍ଜାତୀୟ ଅର୍ଥବ୍ୟବସ୍ଥାରେ ଘରୋଇ କ୍ଷମତା ଓ ଅଂଶଗ୍ରହଣକୁ ଅଧିକ ବ୍ୟାପକ କରିବା ପାଇଁ ସକ୍ରିୟ ଭାବେ ଭାରତର ମାଇକ୍ରୋ, କ୍ଷୁଦ୍ର ଓ ମଧ୍ୟମ ଆକାରର ଉଦ୍ୟମ (ଏମ୍‌ଏସ୍‌ଏମ୍‌ଇ)ଗୁଡିକ ସହ କାର୍ଯ୍ୟ କରିବ । ଆଗକୁ ବଢିବାର ଇଚ୍ଛା ଓ ଦକ୍ଷତା ଥିବା ଯୋଗାଣକର୍ତ୍ତାମାନେ ଓ୍ୱାଲ୍‌ମାର୍ଟ ବୃଦ୍ଧି ମାଧ୍ୟମରେ ସେମାନେ ଆବଶ୍ୟକ କରୁଥିବା ଉପକରଣ ପାଇପାରିବେ । ଗତ ୫ ବର୍ଷ ମଧ୍ୟରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକୁ ଏହି କାର୍ଯ୍ୟକ୍ରମର ଏକ ସ୍ୱତନ୍ତ୍ର ବ୍ୟବସ୍ଥା ଭାବେ ବ୍ୟକ୍ତିଗତ ଭାବେ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଏଥିସହିତ ସେମାନଙ୍କୁ ବିଶେଷଜ୍ଞମାନଙ୍କ ପରାମର୍ଶ ମିଳିବା ସହ ଓ୍ୱାଲ୍‌ମାର୍ଟର ଗଭୀର ଆନ୍ତର୍ଜାତୀୟ ଅଭିଜ୍ଞତା ହାସଲ କରିବାର ସୁବିଧା ଓ ସେମାନଙ୍କର ସ୍ଥାନୀୟ ସମୁଦାୟ ମଧ୍ୟରେ ସହଯୋଗୀ ଓ ମେ ରମାନଙ୍କୁ ଏକ ନେଟ୍‌ୱର୍କ ସୁବିଧା ପ୍ରଦାନ କରାଯିବ । ଅଂଶଗ୍ରହଣକାରୀଙ୍କୁ ଦକ୍ଷତାର ସହ ଫ୍ଲିପ୍‌କାର୍ଟ, ଓ୍ୱାଲ୍‌ମାର୍ଟ ଗ୍ଲୋବାଲ ସୋର୍ସିଙ୍ଗ୍ ଓ ଓ୍ୱାଲ୍‌ମାର୍ଟ ଇଣ୍ଡିଆର ସପ୍ଲାଇ ଚେନ୍ କିମ୍ବା ଅନ୍ୟ ଘରୋଇ ଓ ଆନ୍ତର୍ଜାତୀୟ କମ୍ପାନୀଗୁଡିକର ଅଂଶ ହେବା ପାଇଁ ଆବଶ୍ୟକୀୟ ଉପକରଣ ପ୍ରଦାନ କରାଯାଇ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ବିକାଶ ପାଇଁ ପ୍ରସ୍ତୁତ କରାଯିବ । ଆଜି ନୂଆଦିଲ୍ଲୀଠାରେ ଓ୍ୱାଲ୍‌ମାର୍ଟ ବୃଦ୍ଧିର ଘୋଷଣା କରି ଓ୍ୱାଲ୍‌ମାର୍ଟ ଇ ରନ୍ୟାସ୍‌ନାଲର ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଜୁଡିଥ୍ ମ୍ୟାକ୍‌କେନ୍ନା କହିଛନ୍ତି ଯେ, 'ଏହି ବୃଦ୍ଧି କାର୍ଯ୍ୟକ୍ରମ କେବଳ ଫ୍ଲିପ୍‌କାର୍ଟ ଓ ଓ୍ୱାଲ୍‌ମାର୍ଟର ସପ୍ଲାଇ ଚେନ୍ ପର୍ଯ୍ୟ' ସୀମିତ ନରହି ବିଶ୍ୱବ୍ୟାପୀ ଉଭୟ ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍ ଗ୍ରାହକଙ୍କ ପାଇଁ ଭାରତୀୟ ଯୋଗାଣକର୍ତ୍ତାମାନଙ୍କୁ ପ୍ରୋତ୍ସାହିତ କରିବ । ଏହି ଖୋଲାପଣ ଆମକୁ ସ୍ୱତନ୍ତ୍ର କରିଛି ଏବଂ ଯେଉଁମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ସେମାନଙ୍କ ପାଇଁ ଏହା ବାସ୍ତବରେ ସୁଯୋଗ ସୃଷ୍ଟି କରିବ । ଜଣେ ଯୋଗାଣକର୍ତ୍ତାଙ୍କର ମହତ୍ତ୍ୱାକାଂକ୍ଷା ଘରୋଇ ସ୍ତରରେ ହେଉ ନଚେତ୍ ସମଗ୍ର ବିଶ୍ୱରେ ରହିଥିଲେ ମଧ୍ୟ ଓ୍ୱାଲ୍‌ମାର୍ଟ ବୃଦ୍ଧି ସଫଳତା ପାଇଁ ସେମାନେ ଆବଶ୍ୟକ କରୁଥିବା ସମସ୍ତ ଉପକରଣ ପ୍ରଦାନ କରିବ ।' ଓ୍ୱାଲ୍‌ମାର୍ଟ ବୃଦ୍ଧି ଓ୍ୱାଲ୍‌ମାର୍ଟ ଇ ରନ୍ୟାସ୍‌ନାଲ ଇକୋସିଷ୍ଟମ ଓ ସହଯୋଗୀ ସ୍ୱସ୍ତି ସମୁଦାୟ ବିକାଶ କ୍ଷେତ୍ରରେ ଏକ ମଜବୁଦ ରେକର୍ଡ ରଖିଥିବା ତଥା ଗଭୀର ଭାବେ ଅଭିଜ୍ଞତା ସମ୍ପନ୍ନ ଏକ ଭାରତୀୟ ଅଣଲାଭକାରୀ ସଂସ୍ଥାର ସ୍ଥାନୀୟ ଜ୍ଞାନର ଲାଭ ଉଠାଉଛି । ଏହି ନୂତନ କାର୍ଯ୍ୟକ୍ରମ ଯୋଗାଣକର୍ତ୍ତା ବିକାଶ ସମୁଦାୟଗୁଡିକର ନେଟ୍‌ୱର୍କକୁ ସଂଯୋଗ କରିବ ଯାହାକି ବର୍ତ୍ତମାନ ଭାରତରେ ଫ୍ଲିପ୍‌କାର୍ଟ ଓ ଓ୍ୱାଲ୍‌ମାର୍ଟ ନିକଟରେ ରହିଛି, ଏମ୍‌ଏସ୍‌ଏମ୍‌ଇ ପ୍ରଶିକ୍ଷଣରେ ଥିବା

## ଏୟାରଟେଲ୍ 'ଓ୍ୱାଇ-ଫାଇ କଲିଙ୍ଗ' ସେବାର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଟେଲିକମ୍ୟୁନିକେସନ କମ୍ପାନୀ ଭାରତୀ ଏୟାରଟେଲ୍ ପକ୍ଷରୁ 'ଏୟାରଟେଲ୍ ଓ୍ୱାଇ-ଫାଇ କଲିଙ୍ଗ' ସେବାର ଶୁଭାରମ୍ଭ କରାଯାଇଛି । ଏହି ସେବାକୁ ଏୟାରଟେଲ୍‌ର ଗ୍ରାହକମାନଙ୍କ ପାଇଁ ବିଶେଷ ଭାବେ ସେମାନେ ଘର ଭିତରେ ଥିବା ସମୟରେ ଭଏସ କଲିଙ୍ଗ ଅନୁଭୂତିକୁ ଆହୁରି ଉନ୍ନତ କରିବା ପାଇଁ ପ୍ରସ୍ତୁତ କରାଯାଇଛି । ଏୟାରଟେଲ ଓ୍ୱାଇ-ଫାଇ କଲିଙ୍ଗ ସହ ଗ୍ରାହକମାନେ ଘରେ କିମ୍ବା ଅଫିସରେ ଓ୍ୱାଇ-ଫାଇ ସହିତ ଘର ଭିତରେ ଥାଇ ମଧ୍ୟ ଦୃଢ଼ ସିଗନାଲ ପାଇପାରିବେ । ଏୟାରଟେଲ ଓ୍ୱାଇ-ଫାଇ କଲିଙ୍ଗରେ କଲ କରିବା ଦ୍ୱାରା କୌଣସି ଅତିରିକ୍ତ ଦେୟ ଦେବାକୁ ପଡ଼ିବ ନାହିଁ ଏବଂ ଏହି ଆପ୍ ବହୁତ କମ ଡାଟା ମଧ୍ୟ ଆବଶ୍ୟକ କରେ । ଏହି ସେବା ଗୁଡ଼ିକ ବର୍ତ୍ତମାନ ଦିଲ୍ଲୀ ଏନସିଆରର ଏୟାରଟେଲ ଗ୍ରାହକମାନଙ୍କ ପାଇଁ ଉପଲବ୍ଧ ହେଉଥିବାବେଳେ ସମୟକ୍ରମେ ସାରା ଭାରତରେ ଏହା ପ୍ରଚଳିତ ହେବାକୁ ଯାଉଛି । ଏହା ସମ୍ପର୍କରେ ଭାରତୀ ଏୟାରଟେଲ୍ ପକ୍ଷରୁ ଏହାର ଚିଫ ଟେକ୍ନୋଲୋଜି ଅଫିସର, ଶ୍ରୀ ରନ୍ଦୀପ ସେଖୋନ କହିଛନ୍ତି ଯେ, 'ଏୟାରଟେଲ୍ ଓ୍ୱାଇ-ଫାଇ କଲିଙ୍ଗ ହେଉଛି ଏୟାରଟେଲ୍ ପକ୍ଷରୁ ଅନ୍ୟ ଏକ ଅଗ୍ରଣୀ ପ୍ରଯୁକ୍ତିଗତ ପ୍ରୟାସ ଯାହାକି ଭଏସ କଲିଙ୍ଗ ଅନୁଭୂତିକୁ ଅଧିକ ସୀମାହୀନ କରିବା ଦିଗରେ ଏକ ଦୀର୍ଘ ଯାତ୍ରା ଅତିକ୍ରମ କରିବ ।' 'ଏୟାରଟେଲ ଓ୍ୱାଇ-ଫାଇ କଲିଙ୍ଗ' କୌଣସି ଆପ ଦରକାର କରେ ନାହିଁ ଏବଂ କେତେକ ପଦକ୍ଷେପ ମାଧ୍ୟମରେ ସ୍ମାର୍ଟଫୋନରେ ଏହାକୁ ବ୍ୟବହାର କରାଯାଇପାରିବ । ଏହା ବ୍ୟତୀତ ୬ଏସ ଏବଂ ତାଠାରୁ ଅଧିକ ସମସ୍ତ ଆଇଫୋନ, ରେଡମି କେ୨୦, ରେଡମି କେ୨୦ପ୍ରୋ ଏବଂ ପୋକୋ ଏଫ୧, ସାମସଙ୍ଗ ଜେ୬, ଏ୧୦ଏସ, ଅନ୬, ଏମ୩୦ଏସ ଏବଂ ଓ୍ୱାନପ୍ଲସ ୭ସିରିଜର ସମସ୍ତ ମଡେଲ ଗୁଡ଼କରେ ବର୍ତ୍ତମାନ ପାଇଁ ଏହି ସେବା ଉପଲବ୍ଧ ହେଉଛି ।

## ପ୍ରାକୃତିକ ମନୋରମ ପରିବେଶ ମଧ୍ୟରେ ପୁଟୁଡି ଜଳପ୍ରପାତ

କନ୍ଧମାଳ : ବଣପାହାଡ଼ ଘେରା ପ୍ରାକୃତିକ ମନୋରମ ପରିବେଶ ମଧ୍ୟରେ ରହିଛି ପୁଟୁଡି ଜଳପ୍ରପାତ । ଫୁଲବାଣୀ ସହର ଠାରୁ ମାତ୍ର ୧୫ କିମି ଦୂରରେ ଅବସ୍ଥିତ ଏହି ଜଳପ୍ରପାତ । ଏଠାକୁ ଜିଲ୍ଲା ଓ ଜିଲ୍ଲା ବାହାରର ହଜାର ହଜାର ପର୍ଯ୍ୟଟକ ପ୍ରାକୃତିକ ପରିବେଶ ଉପଭୋଗ କରିବାସହ ବଣଭୋଜି କରିବାକୁ ଆସିଥାନ୍ତି । ତେବେ, ଏଠାକୁ ଯିବାଲାଗି ଭଲ କିମ୍ବା ସ୍ଥାୟୀ ରାସ୍ତାଟିଏ ନଥିବା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ନଥିବା ପର୍ଯ୍ୟଟକଙ୍କୁ ନିରାଶ କରିଛି । ସ୍ଥାୟୀ ରାସ୍ତା, ବିଦ୍ୟୁତ ଆଲୋକ, ପାନୀୟଜଳ ବ୍ୟବସ୍ଥା, ରହିବା ପାଇଁ ଘର ଆଦି ନାହିଁ । ତଥାପି ବଣଭୋଜି କରିବାସହ ପ୍ରାକୃତିକ ମନୋରମ ପରିବେଶ ଓ ପାଣି ପଡିବାର ଶବ୍ଦ, ପକ୍ଷୀଙ୍କ ରାବ ଆଦିକୁ ମନଭରି ଉପଭୋଗ କରିବାଲାଗି ଏହା ପ୍ରକୃଷ୍ଟ ସ୍ଥାନ ।

## ଏଲ୍‌ଆଣ୍ଡଟି ଟେକ୍ନୋଲୋଜି ସର୍ଭିସେସ୍ ଲିମିଟେଡ (ଏଲଟିଟିଏସ୍) ପକ୍ଷରୁ ସାମୁଦ୍ରିକ ଝଡ଼ବାତ୍ୟା ଫନି ଦ୍ୱାରା ପ୍ରଭାବିତଙ୍କ ପାଇଁ ଏକ ସିଏସ୍‌ଆର୍ କାର୍ଯ୍ୟକ୍ରମ-ପ୍ରୋଜେକ୍ଟ ନୀଳାଚଳର ଶୁଭାରମ୍ଭ କରାଯାଇଛି

ପୁରୀ/ଭୁବନେଶ୍ୱର : ବିଶ୍ୱ ସ୍ତରୀୟ ଇଞ୍ଜିନିୟରିଂ ସର୍ଭିସେସ କଂପାନି ଏଲଆଣ୍ଡଟି ଟେକ୍ନୋଲୋଜି ସର୍ଭିସେସ ଲିମିଟେଡ (ଏନଏସଇ:ଏଲଟିଟିଏସ) ପକ୍ଷରୁ ସାମୁଦ୍ରିକ ଝଡ଼ବାତ୍ୟା ଫନି ଦ୍ୱାରା ପ୍ରଭାବିତ ହୋଇଥିବା ଲୋକମାନଙ୍କୁ ବିପର୍ଯ୍ୟୟ ସହନଶୀଳ ରହଣୀ ବାସସ୍ଥାନ ପ୍ରଦାନ କରିବା ଲାଗି ଏକ ସିଏସଆର କାର୍ଯ୍ୟକ୍ରମ ପ୍ରୋଜେକ୍ଟ ନୀଳାଚଳର ଶୁଭାରମ୍ଭ କରାଯାଇଛି । ପୁରୀର ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ବଲୱ' ସିଂହଙ୍କ ସହିତ ଏଲଟିଟିଏସର ସିଇଓ ଏବଂ ପରିଚାଳନା ନିର୍ଦ୍ଦେଶକ ଡକ୍ଟର କେଶବ ପଣ୍ଡା ଏହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ପ୍ରୋଜେକ୍ଟ ନୀଳାଚଳର ଅଂଶ ସ୍ୱରୂପ ଏଲଟିଟିଏସ ପକ୍ଷରୁ ବାସିନ୍ଦାମାନଙ୍କୁ ବିଭିନ୍ନ ପ୍ରକାରର କନଷ୍ଟ୍ରକ୍ସନ କାର୍ଯ୍ୟକଳାପ ଉପରେ କଉଶଳ ବିକାଶ ତାଲିମ ପ୍ରଦାନ କରାଯିବ । ଏଲଟିଟିଏସ ଦ୍ୱାରା ପ୍ରଦାନ କରାଯିବାକୁ ଥିବା ତାଲିମ କାର୍ଯ୍ୟକ୍ରମ ଦ୍ୱାରା ପ୍ରଭାବିତ ହୋଇଥିବା ଲୋକମାନଙ୍କୁ ଦୀର୍ଘମିଆଦୀ ଭିତିରେ ଅତିରିକ୍ତ ଜୀବିକାର ମାଧ୍ୟମ ମିଳିବା ନିଶ୍ଚିତ ହୋଇପାରିବ । ଏହି ଅବସରରେ ଶ୍ରୀଯୁକ୍ତ ବଲୱ' ସିଂହ, ଜିଲ୍ଲା ମାଜିଷ୍ଟ୍ରେଟ ଓ ଜିଲ୍ଲାପାଳ ପୁରୀ କହିଛନ୍ତି ଯେ, ''ସାମୁଦ୍ରିକ ଝଡ଼ବାତ୍ୟା ଫନିର ପରବର୍ତ୍ତି ପ୍ରଭାବରୁ ମୁକୁଳିବା ଲାଗି ଓଡ଼ିଶାର ଲୋକମାନେ ଉଲ୍ଲେଖନୀୟ ଦୃଢ଼ତା ଓ ସହନଶୀଳତା ପ୍ରଦର୍ଶନ କରିଛନ୍ତି । ଏଭଳି ବଡ଼ ଧରଣର ପ୍ରାକୃତିକ ବିପର୍ଯ୍ୟୟରୁ ପୁଣି ସ୍ୱାଭାବିକ ହେବା ଲାଗି ବ୍ୟବସାୟ ଗୋଷ୍ଠୀ ସମେତ ସବୁ କ୍ଷେତ୍ରର ସହଯୋଗିତାର ଆବଶ୍ୟକତା ରହିଥିବାରୁ ଏଲଆଣ୍ଡଟି ଟେକ୍ନୋଲୋଜି ସର୍ଭିସେସ ଦ୍ୱାରା ଗ୍ରହଣ କରାଯାଉଥିବା ଏହି ପଦକ୍ଷେପ ବେଶ ପ୍ରଶଂସନୀୟ ।'' ଡକ୍ଟର କେଶବ ପଣ୍ଡା, ସିଇଓ ଓ ଏମଡି, ଏଲଆଣ୍ଡଟି ଟେକ୍ନୋଲୋଜି ସର୍ଭିସେସ କହିଛନ୍ତି ଯେ, '' ଏକ ଅଗ୍ରଣୀ ଇଞ୍ଜିନିୟରିଂ ସଂସ୍ଥା ଭାବେ ସମାଜର ଉନ୍ନତୀକରଣ ପାଇଁ ଅବଦାନ ଆମ ଡିଏନଏରେ ରହିଛି । ପ୍ରୋଜେକ୍ଟ ନୀଳାଚଳକୁ ଯାହା ସ୍ୱତନ୍ତ୍ର ସିଏସ୍‌ଆର୍ ଅଭିଯାନରେ ପରିଣତ କରିଛି ତାହା ହେଉଛି ଯେଉଁମାନଙ୍କ ପାଇଁ ଆବଶ୍ୟକ ସେମାନଙ୍କୁ ଏହା ରହଣୀ ସ୍ଥଳ ପ୍ରଦାନ କରିବା ସହିତ ଏହି କାର୍ଯ୍ୟକ୍ରମ ଅଧୀନରେ ଏଲଆଣ୍ଡଟି ଟେକ୍ନୋଲୋଜି ସର୍ଭିସେସ ଯେଉଁ ତାଲିମ ପ୍ରଦାନ କରିବ ତାହା ଜରିଆରେ ହିତାଧିକାରୀମାନେ ଆର୍ଥିକ ସ୍ୱାଧୀନତା ପାଇପାରିବେ । ପ୍ରୋଜେକ୍ଟ ନୀଳାଚଳ ପାଇଁ ଏଲଆଣ୍ଡଟି ଟେକ୍ନୋଲୋଜି ସର୍ଭିସେସର କନଷ୍ଟ୍ରକ୍ସନ ପାର୍ଟନର ହେଉଛି ହାବିଟାଟ ଫର ହ୍ୟୁମାନିଟି ଇଣ୍ଡିଆ ।



ପୁରୀ: 'ସୁଧା' ଆନୁକୂଲ୍ୟରେ ବିଦ୍ୟାଳୟମାନଙ୍କରେ ଓଡିଶୀ ନୃତ୍ୟ ଅଭିନୟ ପ୍ରଶିକ୍ଷଣ ଓ କର୍ମଶାଳା ଅନୁଷ୍ଠିତ

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray